# ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ
# ଦେଶର ବିକାଶରେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ

## ● ଜାତୀୟ ପତାକା ଉତ୍ତୋଳନ ଓ ଅଭିବାଦନ ଗ୍ରହଣ କଲେ ମନ୍ତ୍ରୀ

**ବାରିପଦା, ୨୭ ।୧(ସମିସ)**

ବାରିପଦାରେ ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥି ସହିତ ଜାତୀୟ ଦିବସ ପାଇଁ ଜିଲ୍ଲାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କୁ ରିଜର୍ଭ ପୁଲିସ ପରେଡ ପଡିଆ ମଞ୍ଚ ଉପରକୁ ପାଛୋଟି ଆଣିଥିଲେ। ପରେ କମାଣ୍ଡର କବିରଞ୍ଜନ ସେଠୀଙ୍କ ଦ୍ୱାରା ପରିଚାଳିତ ପରେଡରେ ପୁଲିସ, ହୋମ୍ ଗାର୍ଡ, ସମର ଶିକ୍ଷାର୍ଥୀ ବାହିନୀ, ରେଡ଼କ୍ରସ, ଜାତୀୟ ସେବା ଯୋଜନା, ସ୍କାଉଟ୍ ଏବଂ ଗାଇଡ୍ ଓ ସିଭିଲିଆନ ସମେତ ୩୦ଟି ଟ୍ରୁପ ତ୍ରିରଙ୍ଗା ପତାକା ସମ୍ମାନ ଜଣାଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ପଣ୍ଡା କହିଥିଲେ ଯେ, ଦେଶର ମହାମନୀଷୀମାନଙ୍କ ଆତ୍ମବଳିଦାନ, ନିଃସ୍ୱାର୍ଥପର ସେବା ତଥା ଯେଉଁମାନଙ୍କ ଉତ୍ସର୍ଗୀକୃତ ମନଭାବର ପ୍ରତିଫଳନ ସ୍ୱରୂପ ବିଶ୍ୱ ମାନଚିତ୍ରରେ ଏକ ସାର୍ବଭୌମ, ଧର୍ମନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ର ରୂପେ ଆଜି ଆମେ ନିଜର



ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛୁ, ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସର୍ବାଙ୍ଗୀନ ଉନ୍ନତି ଓ ସୁରକ୍ଷା ନିମନ୍ତେ ନିଜର ଦାୟିତ୍ୱ ସମ୍ପାଦନ କରିବା ପାଇଁ ଯଦି ଜାତୀୟ ପତାକା ତଳେ ସମ୍ମିଳିତ ଭାବେ ସଂକଳ୍ପବଦ୍ଧ ହେବା, ତେବେ ତାହା ହିଁ ହେବ ଆଜିର ଏଇ ପବିତ୍ର ଦିବସରେ ସେଇ ମହାମନିଷୀଙ୍କ ଅମର ଆତ୍ମା ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ଶ୍ରୀ ପଣ୍ଡା ମୟୂରଭଞ୍ଜରେ ରାଜ୍ୟ ସରକାରଙ୍କର ଉନ୍ନତିମୂଳକ ଓ ଜନହିତକର କାର୍ଯ୍ୟ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ, କର୍ତ୍ତବ୍ୟର ସାହସିକତା ପ୍ରଦର୍ଶନ କରିଥିବା ଆରକ୍ଷୀ ଅଧିକାରୀଙ୍କୁ ପୁଲିସ ମହାନିର୍ଦ୍ଦେଶକ ପ୍ରଶଂସା ସମ୍ମାନ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ମହାରଣା, କରଞ୍ଜିଆ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁବ୍ରତ କୁମାର, ବେତନଟୀ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସୁଦର୍ଶନ ଦାଶ, ଆରକ୍ଷୀ ନିରୀକ୍ଷକ ନିରୋଜ କୁମାର ସାମଲ, ଆରକ୍ଷୀ ନିରୀକ୍ଷକ ଗଂଜ ହାସିନୀ କୁଲ୍ଲୁ, ଉପଆରକ୍ଷୀ ନିରୀକ୍ଷକ କମଳାକାନ୍ତ ଦାସ ଉପଆରକ୍ଷୀ ନିରୀକ୍ଷକ ବିକର୍ତ୍ତନ ମଣ୍ଡଳ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ପ୍ରଶାସର ଦୁଇ ଶ୍ରେଷ୍ଠ କ୍ରୀଡ଼ାବିତ ସୁଶ୍ରୀ ପାର୍ବତୀ ହାଁସଦା (ଜାତୀୟ ରଗବି ଚାମ୍ପିଅନ) ଏବଂ ସୁଶ୍ରୀ ଅଂଶିକା ବରାଳ (ଜାତୀୟ ଯୋଗାଭ୍ୟାସ ଚାମ୍ପିଅନ)ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପରେଡ଼ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଏନସିସି ଓ ଏନଏସଏସ ବର୍ଗରେ ଏମପିସି (ସ୍ୱୟଂଶାସିତ) ମହାବିଦ୍ୟାଳୟ (ବରିଷ୍ଠ) ଶ୍ରେଷ୍ଠ ଦଳ ହୋଇଥିବା ବେଳେ ସ୍କାଉଟ୍ ଏବଂ ଗାଇଡ୍ ରେ ସରସ୍ୱତୀ ବିଦ୍ୟାମନ୍ଦିର, ତୁଳସୀ ଚଉରା, ରେଡକ୍ରସରେ ବଳାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସିଭିଲିଆନରେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳ ପୁରସ୍କୃତ ହୋଇଛି। ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ପ୍ରତିଯୋଗିତାରେ ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ଶ୍ରେଷ୍ଠ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରି ବିଜେତା ରୂପେ ଘୋଷିତ ହୋଇଥିଲେ। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲ, ଶିକ୍ଷାନବୀଶ ଅକ୍ଷୟ ପିଲ୍ଲାଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ରଜନୀକାନ୍ତ ସ୍ୱାଇଁଙ୍କ ସମେତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର, ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରଶ୍ମିରଞ୍ଜନ ସାହୁ, ଅତିରିକ୍ତ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଜିଲ୍ଲାପାଳ ଏକାଦଶ ବନାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏକାଦଶ ମଧ୍ୟରେ ବାରିପଦା ଷ୍ଟାଡିଅମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏକାଦଶ ବିଜୟୀ ହୋଇଥିଲା। ଏକ ପୁରସ୍କାର ବିତରଣୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ସମ୍ପାଦନ କରିଥିଲେ।





## ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ ସ୍ୱର୍ଣ୍ଣପଦକ ସହ ସନ୍ଥ ମୂର୍ତ୍ତି ଉପାଧି ପ୍ରଦାନ



**ବାରିପଦା/ଶୁକ୍ଳି, ୨୭ ।୧(ସମିସ):** ଉତ୍ତର ପ୍ରଦେଶର ଗୋରଖପୁର ଅଞ୍ଚଳ ଭୂମଣ୍ଡଳୀୟ ମୁନି ସମାଜ ଅଧ୍ୟକ୍ଷଙ୍କ ସୁପାରିସକ୍ରମେ ମୟୂରଭଞ୍ଜ ମାଟିକୁ ଧନ୍ୟ କରି ବାରିପଦାରେ ୧୯୮୦ ମସିହାରୁ ଏଯାବତ ପ୍ରାୟ ୨୨ଟି ସର୍ବଧର୍ମ ସମ୍ପ୍ରଦାୟର ୩୦୦ରୁ ଊର୍ଦ୍ଧ୍ୱ ସାଧୁ ଏବଂ ପ୍ରବକ୍ତାଙ୍କୁ ଗୋଟିଏ ମଞ୍ଚରେ ବସାଇ ଓଡିଶାରେ ମାନବ ଧର୍ମର ପ୍ରବର୍ତ୍ତକ, ସମଗ୍ର ମାନବ ଜାତି ପାଇଁ ଜୟ ସନ୍ଥ, ଜୟ ସମାଜର ପ୍ରଥମ ସ୍ଲୋଗାନର ଉଦଘୋଷକ, ବନ୍ଧୁଭରା ବସୁନ୍ଧରା ଏବଂ ଜାତିର ଜୈତ୍ର ଗାନ ପାଇଁ ଜୟ ସନ୍ଥ ଜୟ ସମାଜ ପତ୍ରିକାର ପ୍ରତିଷ୍ଠାତା ହେତୁ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ ସ୍ୱର୍ଣ୍ଣପଦକ ସହ ସନ୍ଥମୂର୍ତ୍ତି ଉପାଧିରେ ବିଭୂଷିତ କରାଯାଇଛି। ଦୂର ଯାତ୍ରା ପାଇଁ ଅସମ୍ମତି ପ୍ରକାଶ କରିବାରୁ ଶୁକ୍ଳି ସ୍ଥିତ ଉତ୍ତର ଓଡିଶା ପ୍ରାନ୍ତୀୟ ଆତ୍ମକଲ୍ୟାଣ ଯୋଗ କେନ୍ଦ୍ର ମୁନି ସମାଜ ପକ୍ଷରୁ ଏକ ବାର୍ଷିକ ଅଧିବେଶନରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଥମେ ସେ ସତ୍ୟ ପତାକା ଉତ୍ତୋଳନ ପରେ ତାଙ୍କୁ ଉପାଧି ପ୍ରଧାନ ସହ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ କହିଛନ୍ତି ଯେ ଈଶ୍ୱର ଏବଂ ଈଶ୍ୱରୀଙ୍କ ମଧ୍ୟରେ ଅନ୍ତର ବୁଝି ଯେ ଦେହକୁ ପ୍ରାଧାନ୍ୟ ନ ଦେଇ ଭୋଗବାଦୀ ନୁହେଁ ବରଂ ଦେହୀକୁ ପ୍ରାଧାନ୍ୟ ଦେଇ ବାସ୍ତବବାଦୀ ଆସ ଜ୍ଞାନୀ ତା ପାଇଁ ସବୁଦିଗରୁ ଆସୁଥିବା କ୍ଷତ କ୍ଷାତିରେ ପରିଣତ ହୋଇଥାଏ ବୋଲି ମତ ଦେଇଛନ୍ତି। ଏହି ଅଧିବେଶରେ ସହସ୍ରାଧିକ ମୁନି ମୁନିନୀଙ୍କ ସମେତ ମୁନିଶ୍ୱର ପଣ୍ଡିତ ନିରଞ୍ଜନ ଶାସ୍ତ୍ରୀଜୀ, ଯୋଗୀ ଅଜିତଜୀ, ଶିରୀଶ ଚନ୍ଦ୍ରଜୀ, ବୁଧୁରାମଜୀ, ବିଶେଶ୍ୱରଜୀ, ମନମୋହନଜୀ, ବୃହସ୍ପତିଜୀ, ବିକର୍ତ୍ତନଜୀ, ଗୌରମୋହନଜୀ ଏବଂ ଅଚ୍ୟୁତାନନ୍ଦଜୀ ମୁନି ଉପସ୍ଥିତ ଥିଲେ।

## ଦଳ ବିରୋଧୀ କାର୍ଯ୍ୟ ପାଇଁ ସମୀର ବିଜେଡିରୁ ବହିଷ୍କୃତ



**ବାରିପଦା, ୨୭ ।୧(ସମିସ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ସମୀର କୁମାର ରାଜଙ୍କୁ ଶନିବାର ବିଜେଡିରୁ ବହିଷ୍କାର କରାଯାଇଛି। ଏ ନେଇ ବିଜୁ ଜନତା ଦଳର ମୟୂରଭଞ୍ଜ-୧ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ଏକ ବିଜ୍ଞପ୍ତି ମାଧ୍ୟରେ ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ନିର୍ବାଚନମଣ୍ଡଳୀରେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହେବାପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଜନରାଜ୍ୟ ଦିବସରେ ମହିଳାଙ୍କୁ ନେଇ ଖେଳକୁଦ ପ୍ରତିଯୋଗିତା

**ବାରିପଦା, ୨୭ ।୧(ସମିସ):** ବାରିପଦା ଷ୍ଟାଡିୟମ ପଡିଆରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ୧ ନଂ. ୱାର୍ଡର କାଉନସିଲର ସୁକେଶିନୀ ସେଠୀଙ୍କ ନେତୃତ୍ୱରେ ମହିଳାଙ୍କୁ ନେଇ ଏକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶଙ୍ଖଫୁଙ୍କାରେ ପୁଷ୍ପଲତା ଭୋଳ ୧ମ ଓ ସୁକାନ୍ତୀ ସାମଲ ୨ୟ, ଝୋଟିରେ ନିବେଦିତା ବେହେରା ୧ମ ଓ ସୁଇଟି ପ୍ରଧାନ ୨ୟ, ମ୍ୟୁଜିକ ଚେୟାରରେ ଲତାରାଣୀ ବେହେରା ୧ମ ଓ ରଂଜିତା ଦେଓ ୨ୟ, ଆଳି ଚାମଚରେ ଅମ୍ବାଳିକା ସେଠି ୧ମ ଓ ଅନିତା ବାଡ଼ି ୨ୟ, ବକ୍ତୃତାରେ ମିନତୀ ବାରିକ ୧ମ ଓ ସୁଲୋଚନା ଗିରି ୨ୟ, ପିଠା ପ୍ରସ୍ତୁତିରେ ରୀନା ଗିରି ୧ମ ଓ ସଞ୍ଚିତା ମହାକୁଡ଼ ୨ୟ, ହାଣ୍ଡିଭଙ୍ଗାରେ ଲକ୍ଷ୍ମୀପ୍ରିୟା ରାଉତ ୧ମ ଓ ସୁଜାତା ବେହେରା ୨ୟ, ଚା କପ ରେ ପ୍ରତିମା ପାତ୍ର ୧ମ ଓ ଦମୟନ୍ତୀ ସେଠୀ ୨ୟ, ଦୌଡରେ ପ୍ରିୟଲତା ମହାନ୍ତ ୧ମ ଓ ରଂଜିତା ଦେଓ ୨ୟ, ଗୀତରେ ସୁଇଟି ପ୍ରଧାନ ୧ମ ଓ ନିର୍ଝରଣୀ ପାତ୍ର ୨ୟ ସ୍ଥାନ ଅଧିକାର କରିଥିଲେ। ଏହି



ଅବସରରେ ଦୁଇ ବୟୋଜ୍ୟେଷ୍ଠ ମହିଳା ସଂଯୁକ୍ତା ବେହେରା ଓ ବାସନ୍ତୀ ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏଥିସହିତ ସମସ୍ତ ବିଭାଗର ୫ ଜଣ ସମେତ ମୋଟ ୬୦ ଜଣଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏଭଳି କାର୍ଯ୍ୟକ୍ରମର ପରିକଳ୍ପନା ପାଇଁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଉପ ନଗରପାଳ ସୀମା ଦାସ, ମନ୍ତ୍ରୀଙ୍କ ସହଧର୍ମିଣୀ ରଞ୍ଜିତା ମାରାଣ୍ଡି, ନଗରପାଳଙ୍କ ସହଧର୍ମିଣୀ ଇତିନା ମହାନ୍ତି ତଥା ୧୫, ୧୬ ଓ ୧୮ ନଂ କାଉନସିଲର ନିରୁପମା ମହାନ୍ତି, ଦିପ୍ତୀରେଖା ପଟ୍ଟନାୟକ ଓ ସବିତା ପାଲ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ସୋମନାଥ ସିଂହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନାରେ ଜ୍ୟୋତ୍ସ୍ନା ବେହେରା, ପ୍ରତିଭା ସାମଲ, ସିମି ବେହେରା, ଦୁର୍ଗାମଣୀ ଆଚାର୍ଯ୍ୟ, ଦେବସ୍ମିତା ମିଶ୍ର, ଭଗବତୀ ଭୂୟାଁ, ସଂଯୁକ୍ତା ଭୁଜବଳ, ସତ୍ୟଭାମା ପ୍ରଧାନ, ସୁଲୋଚନା ଗିରି, ସୋନାଲି ମିଶ୍ର, ରୀନା ଦାସ, ସୁପ୍ରଭା ନାୟକ, ସୋମବାରୀ ମୁର୍ମୁ, ଦୀପକ ମିଶ୍ର, ପ୍ରକାଶ ବେହେରା, ବାବୁ ମହାପାତ୍ର ସହାୟତା କରିଥିଲେ।

## ଜିଲ୍ଲାରେ ଓଏଏସ୍ ଅଧିକାରୀ ସ୍ତରରେ ବଦଳି

**ବାରିପଦା,୨୭ ।୧(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଓଏଏସ ସ୍ତରରେ ବଦଳି କରାଯାଇଛି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ବିଜ୍ଞପ୍ତି ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ସହକାରୀ ଜିଲ୍ଲାପାଳ ସୁଶ୍ରୀତା ଟୁଡୁଙ୍କୁ ଭୁବନେଶ୍ୱର ସହକାରୀ ଜିଲ୍ଲାପାଳ, କେନ୍ଦୁଝର ସହକାରୀ ଜିଲ୍ଲାପାଳ ବସୁନ୍ଧରା ଭିତିରିଆଙ୍କୁ ମୟୂରଭଞ୍ଜ ଜିଲ୍ଲାର ସହକାରୀ ଜିଲ୍ଲାପାଳ, ସୁକୁଳି ବିଡ଼ିଓ ଭବାନୀ ପ୍ରଧାନଙ୍କୁ ଘଟଗାଁ ବିଡ଼ିଓ, ମୟୂରଭଞ୍ଜ ଜିଲ୍ଲାର ସହକାରୀ ଜିଲ୍ଲାପାଳ ବ୍ରହ୍ମାନନ୍ଦ ବେହେରାଙ୍କୁ ସୁକୁଳି ବିଡ଼ିଓ, ସୁବଡେଗା ତହସିଲଦାର ବେଦବ୍ୟାସ ଭୋଇଙ୍କୁ ମୟୂରଭଞ୍ଜ ଜିଲ୍ଲାର ପଞ୍ଚପିଡ଼ ଉପଖଣ୍ଡର ସହକାରୀ ଜିଲ୍ଲାପାଳ, ମୟୂରଭଞ୍ଜ ଜିଲ୍ଲାର ପଞ୍ଚପିଡ଼ ଉପଖଣ୍ଡର ସହକାରୀ ଜିଲ୍ଲାପାଳ ଅଭିସ୍ମିତା ତେୱାରିଙ୍କୁ ସୁବଡେଗା ତହସିଲଦାର, ସହକାରୀ ଜିଲ୍ଲାପାଳ ଶୁଭ ରଞ୍ଜନ ନାୟକଙ୍କୁ ସୋହେଲା ତହସିଲଦାର, ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ସହକାରୀ ଜିଲ୍ଲାପାଳ ରଞ୍ଜିତ କୁମାର ମହାନ୍ତଙ୍କୁ ଟାଙ୍ଗରପାଲି ବିଡ଼ିଓ, ବରଗଡ଼ ସହକାରୀ ଜିଲ୍ଲାପାଳ ସଲମା ସୋରେନଙ୍କୁ ମୟୂରଭଞ୍ଜ ଜିଲ୍ଲାର ଡିଏସଆର, ସାରସକଣା ବିଡ଼ିଓ ଶାନ୍ତନୁ କୁମାର ନାୟକଙ୍କୁ ମୟୂରଭଞ୍ଜ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ମୟୂରଭଞ୍ଜ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାଶିଷ ମହାପାତ୍ରଙ୍କୁ କଟକର ଅତିରିକ୍ତ ଉପ ଜିଲ୍ଲାପାଳ, ଯାଜପୁରର ସହକାରୀ ଜିଲ୍ଲାପାଳ ସୁମନ ରାଜା ମହାନ୍ତିଙ୍କୁ ସାରସକଣା ବିଡ଼ିଓ, ଅନୁଗୁଳ ସହକାରୀ ଜିଲ୍ଲାପାଳ ଅନାକାର ନାୟକଙ୍କୁ ମୋରଡ଼ା ବିଡ଼ିଓ, ମୋରଡ଼ା ବିଡ଼ିଓ ଜୟକୃଷ୍ଣ ପାତ୍ରଙ୍କୁ ତୁମୁଡିବନ୍ଧ ତହସିଲଦାର, ଶ୍ୟାମାଖୁଣ୍ଟା ବିଡ଼ିଓ ମଳୟ କୁମାର ନାୟକଙ୍କୁ ବ୍ରହ୍ମଗିରି ବିଡ଼ିଓ, ବେତନଟୀ ବିଡ଼ିଓ ନିର୍ଲିପ୍ତ ମହାନ୍ତିଙ୍କୁ ବାଲେଶ୍?ର ଜିଲ୍ଲା ହସ୍ପିଟାଲର ପ୍ରଶାସନିକ ଅଧିକାରୀ, ନବରଙ୍ଗପୁର ସହକାରୀ ଜିଲ୍ଲାପାଳ ଅମୃତ କୁମାର ରାଉଳଙ୍କୁ ବେତନଟି ବିଡ଼ିଓ, ବିଶୋଇ ବିଡ଼ିଓ ସଂଯୁକ୍ତା ବାଆଙ୍କୁ କୋରାପୁଟ ଅତିରିକ୍ତ ଉପ ଜିଲ୍ଲାପାଳ, ନୂଆପଡା ସହକାରୀ ଜିଲ୍ଲାପାଳ କରମୀ ଓରାମଙ୍କୁ ବିଶୋଇ ବିଡ଼ିଓ ଭାବେ ବଦଳି କରାଯାଇଛି। ଏ ନେଇ ବିଭାଗୀୟ ନିର୍ଦ୍ଦେଶନାମା ଜାରି ସହ କାର୍ଯ୍ୟରେ ଯଥାଶୀଘ୍ର ଯୋଗ ଦେବାକୁ ଆଦେଶ ରହିଛି।

## ଯୁବ ଉଦ୍ୟୋଗ କର୍ମଶାଳା ଉଦ୍‌ଯାପିତ

**ବାରିପଦା, ୨୭।୧(ସମିସ):** ରାଜ୍ୟ ସରକାରଙ୍କ ଜନଜାତି ଜୀବିକା ମିଶନ ଯୋଜନା ଅନ୍ତର୍ଗତ ମୟୂରଭଞ୍ଜ ଜିଲ୍ଲା ବାରିପଦାଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ଦୁଇ ଦିନିଆ ଯୁବ ଉଦ୍ୟୋଗ କର୍ମଶାଳା ଉଦଯାପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ଗଙ୍ଗାଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉକ୍ତ କର୍ମଶାଳା ସ୍ଥାନୀୟ ଡିପିଆରସି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍ଗିରିପୋଷି ଓ ବାରିପଦା ବ୍ଲକର ଉଦ୍ୟୋଗୀମାନେ ପ୍ରଶିକ୍ଷକ ଭାବେ ଏସଏମଏସ (ଆଇବି) ଶଙ୍କର ଚରଣ ସାମଲ, ଜୀବନ ଜୀବିକା ବିଶେଷଜ୍ଞ ନନ୍ଦଲାଲ ସୋରେନ, ଅନ୍ତରା କରଣ, ସୁଜାତା ସାହୁ, ଭାଗ୍ୟଶ୍ରୀ ଘଡେଇ, ଅଭିଷେକ ମହାନ୍ତ, ଅଶୋକ ମହାନ୍ତ ଉପସ୍ଥିତ ରହି ଉଦ୍ୟୋଗୀମାନଙ୍କୁ ଉଦ୍ୟୋଗ ସ୍ଥାପନର ମୁଖ୍ୟ ଉଦ୍ଦେଶ୍ୟ ତଥା ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମିଶନ ଜରିଆରେ ଲଘୁ ଉଦ୍ୟୋଗ ଯଥା ପଶୁପାଳନ, ଉଦ୍ୟାନକୃଷି, କ୍ଷୁଦ୍ରଶିଳ୍ପ ଆଦିର ବିକାଶ କରାଯାଇ କିପରି ନିଯୁକ୍ତି ସୃଷ୍ଟି କରାଯାଇପାରିବ ଏବଂ କିଭଳି ନିଜର ଆର୍ଥିକ ସ୍ଥିତିକୁ ଦୃଢ କରିପାରିବେ ଏ ନେଇ ସମସ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



## ନିରାମୟ ଉପଦେଷ୍ଟାଙ୍କ ପିଆରଏମ୍ ହସ୍ପିଟାଲ ପରିଦର୍ଶନ

**ବାରିପଦା, ୨୭ ।୧(ସମିସ):** ରାଜ୍ୟ ସରକାରଙ୍କ ନିରାମୟ ଯୋଜନାର ରାଜ୍ୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଆସି ଶନିବାର ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବିନା ମୂଲ୍ୟରେ ରୋଗୀଙ୍କ ସୁବିଧା ନିମନ୍ତେ ଯୋଗାଇ ଦିଆଯାଉଥିବା ମାଗଣା ଔଷଧ ଯୋଗାଣ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ହସ୍ପିଟାଲ ପରିଦର୍ଶନ କରି ନିରାମୟ ଜରିଆରେ ଲୋକେ କେତେ ଉପକୃତ ହେଉଛନ୍ତି, ସେ



ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ପଚାରି ବୁଝିଛନ୍ତି। ଏଥିସହିତ ମାଗଣାରେ ଔଷଧ ମିଳୁଛି କି ନାହିଁ ପଚାରି ବୁଝିବା ସହ ନିରାମୟ କେନ୍ଦ୍ର ସୁବିଧା ଓ ଅସୁବିଧା ସଂକ୍ରାନ୍ତରେ ମଧ୍ୟ ଅନୁଧ୍ୟାନ କରିଛନ୍ତି। ସେ ଅଚାନକ ବାରିପଦା ପଣ୍ଡିତ୍ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଚିକିତ୍ସାଳୟରେ ପରିଦର୍ଶନ ନିମନ୍ତେ ପହଞ୍ଚିଥିଲେ। ଚିକିତ୍ସାଳୟରେ ଥିବା ନିରାମୟ କାଉଣ୍ଟର ପରିଦର୍ଶନ କରି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ହସ୍ପିଟାଲରେ ନିରାମୟରେ ଔଷଧ ଯୋଗାଣ ବ୍ୟବସ୍ଥାକୁ ନେଇ ସେ ଖୁସିବ୍ୟକ୍ତ କରିଛନ୍ତି।






### ଚାକିଡି ଓ ବ୍ରାହ୍ମଣଗାଁ ପଞ୍ଚାୟତବାସୀଙ୍କୁ ମିଳୁନି ମୌଳିକ ସୁବିଧା
## ଗ୍ରାମବାସୀଙ୍କ ଜାତୀୟ ରାଜପଥ ଅବରୋଧ

**ବାରିପଦା/ବାଙ୍ଗିରିପୋଷି, (ସମିସ)**

ଶୁକ୍ରବାର ଦୁଇଟି ପଞ୍ଚାୟତର ମୌଳିକ ସମସ୍ୟା ସମାଧାନ ଦାବିରେ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦ୍ୱାରଶୁଣୀ ଘାଟି ୪୯ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଆନ୍ଦୋଳନକାରୀମାନେ ଅଭିନବ ଉପାୟରେ ପ୍ରତିବାଦ ପ୍ରଦର୍ଶନ କରିବାକୁ ଯାଇ ଜାତୀୟ ରାଜପଥ ମଝିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ଲକରୁ ୩୦କିମି ମଧ୍ୟରେ ଥିବା ଚାକିଡି ଏବଂ ବ୍ରାହ୍ମଣଗାଁ ପଞ୍ଚାୟତରେ ଦୀର୍ଘଦିନ ହେଲା ବିଦ୍ୟୁତ୍ ଓ ମୋବାଇଲ ଟାୱାର ସମସ୍ୟା ଲାଗିରହିଥିବାରୁ ତାହା ସମାଧାନ ନହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା; ଯାହାକୁ ନେଇ ଶତାଧିକ ପୁରୁଷ ମହିଳା ଚାକିଡି ସରପଞ୍ଚ ବିକ୍ରମ ମୁର୍ମୁ ଏବଂ ବ୍ରାହ୍ମଣଗାଁ ସରପଞ୍ଚ ପ୍ରଦୀପ ସୋରେନଙ୍କ ନେତୃତ୍ୱରେ ଶୁକ୍ରବାର ସକାଳ



୬ରୁ ଦ୍ୱାରଶୁଣୀ ଘାଟି ଅବରୋଧ କରି ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ, ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ଚାକିଡି ଏବଂ ବ୍ରାହ୍ମଣଗାଁ ପଞ୍ଚାୟତର ଗ୍ରାମଗୁଡ଼ିକରେ ସ୍ୱାଧୀନତା ପରେ ବି ବିଦ୍ୟୁତ ସଂଯୋଗ ହୋଇନାହିଁ। ବହୁ ଦାବି କରିବା ପରେ ଚାକିଡି ଅଞ୍ଚଳର କିଛି ଗ୍ରାମକୁ ବିଦ୍ୟୁତ ସଂଯୋଗ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ତେବେ ସଂଯୋଗର ଦୁଇ ଦିନ ପରେ ସମସ୍ୟା ଆରମ୍ଭ ହୋଇଥିଲା। ଶିମିଳିପାଳ ଅଭୟାରଣ୍ୟର ପରିଧି ମଧ୍ୟରେ ଆସୁଥିବାରୁ ବିଦ୍ୟୁତ ସଂଯୋଗ ନିମନ୍ତେ ବିଦ୍ୟୁତ ତାର ପଡିବା ଏବଂ କିଛି ଗଛ କାଟିବାକୁ ନେଇ ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କ ନିର୍ଦ୍ଦେଶକ୍ରମେ ବିଭାଗ କାର୍ଯ୍ୟ ବନ୍ଦ କରିଥିଲା। ତହସିଲଦାର ଓ ବନ ଅଧିକାରୀଙ୍କ ଉପସ୍ଥିତିରେ ଅନୁଧ୍ୟାନ କରାଯିବା ପରେ ଗଛ କଟା ଯାଇଥିଲା। ତେବେ କାର୍ଯ୍ୟକୁ ଭୁଲ ଦର୍ଶାଇ ବିଦ୍ୟୁତ ସଂଯୋଗ କାର୍ଯ୍ୟ ବନ୍ଦ କରାଗଲା। ଫଳରେ ଦୁଇ ଦିନ ବିଦ୍ୟୁତ ସଂଯୋଗ ବନ୍ଦ ହୋଇଯାଇଛି। ସେହିପରି ବ୍ରାହ୍ମଣଗାଁରେ ମୋବାଇଲ ଟାୱାର ସ୍ଥାପନ ହେଉଥିବା ବେଳେ ତାହାକୁ ମଧ ବିଭିନ୍ନ ଆଇନ ଦେଖାଇ ବନ୍ଦ କରାଯାଇଛି। ଏଥିସହିତ ଜିଲ୍ଲା ପ୍ରଶାସନର ଅବହେଳା ପାଇଁ ବନ ଅଧିକାରୀ ଆଇନରୁ ମଧ ସେମାନେ ବଞ୍ଚିତ ହେଉଛନ୍ତି। ସମସ୍ୟାକୁ ନେଇ ଦୀର୍ଘ ବର୍ଷ ହେବ ବିଡିଓ ଠାରୁ ଆରମ୍ଭ କରି ଜିଲ୍ଲାପାଳ ପର୍ଯ୍ୟନ୍ତ ଦାବି ଜଣାଇଥିଲେ। କିନ୍ତୁ କୌଣସି ଫଳ ମିଳିଲା ନାହିଁ। ତେଣୁ ଗତକାଲି ଶତାଧିକ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତା ଅବରୋଧ ହେବା ଫଳରେ ବହୁ ଯାନବାହନ ଅଟକି ରହିଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ସମସ୍ତ ଗ୍ରାମବାସୀ ଅଡ଼ି ବସିଥିଲେ। ପରେ ଜିଲ୍ଲା ପ୍ରଶାସନ ଓ ପୁଲିସ ଅଧିକାରୀ ପହଞ୍ଚି ଆଲୋଚନା କରିବା ସହିତ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।







# ଖୋଲିଲା ଡିଏମ୍ଏଫ୍ ଅସ୍ମିତା-କର୍ମଜୀବୀ ମହିଳା ହଷ୍ଟେଲ୍



● କେନ୍ଦୁଝର ଜିଲ୍ଲା ପାଇଁ ଏହା ଏକ ମାଇଲଷ୍ଟୋନ୍: ଶ୍ରମ ମନ୍ତ୍ରୀ

● ୫୦ ଶଯ୍ୟା ବିଶିଷ୍ଟ ସୁଲଭ ଦେୟଯୁକ୍ତ ହଷ୍ଟେଲ୍

**କେନ୍ଦୁଝର,୨୭।୧(ସମିସ)**

କେନ୍ଦୁଝର ସହରର ବଣିଆପାଟ ଠାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) କେନ୍ଦୁଝରର ଆର୍ଥିକ ଅନୁଦାନରେ ନିର୍ମିତ ଏବଂ ପରିଚାଳିତ ଡିଏମ୍ଏଫ୍ ଅସ୍ମିତା-କର୍ମଜୀବୀ ମହିଳା ହଷ୍ଟେଲର ଶୁଭ ଉଦଘାଟନ ରାଜ୍ୟ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଏହା କେନ୍ଦୁଝର ଜିଲ୍ଲା ପାଇଁ ଏକ ମାଇଲଷ୍ଟୋନ୍ ବୋଲି ମନ୍ତ୍ରୀ ଶ୍ରୀ ନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ସାଧାରଣତନ୍ତ୍ର ଦିବସ ଅବସରରେ କେନ୍ଦୁଝର ଜିଲ୍ଲାକୁ ଅତିଥି ଭାବେ ଆସିଥିବା ମନ୍ତ୍ରୀଙ୍କୁ ଜିଲ୍ଲାପାଳ ଆଶିଷ ଠାକରେ, ଏସପି ନିତିନ୍ କୁଶଲକର, ଡିଏଫ୍ଓ ଧନରାଜ ଏଚଡି ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ପାଛୋଟି ନେଇଥିଲେ। ମନ୍ତ୍ରୀ ହଷ୍ଟେଲ ପରିସର ବୁଲି ଦେଖିବା ସହ ଉପଲବ୍ଧ ସୁବିଧା ବିଷୟରେ ପଚାରି ବୁଝିଥିଲେ। ପରିଚାଳନା ସଂସ୍ଥା ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତ ମନ୍ତ୍ରୀଙ୍କୁ ସମସ୍ତ ବ୍ୟବସ୍ଥା ବିଷୟରେ ଅବଗତ କରାଇଥିଲେ। ଅଫିସ୍ ଗୃହ, ହଷ୍ଟେଲ୍ ରୁମ୍, ଡାଇନିଂ ହଲ୍ ଇତ୍ୟାଦି ବୁଲି ଦେଖିବା ସହ ହଷ୍ଟେଲରେ ରହୁଥିବା କିଛି ଅନ୍ତେବାସୀ ଏବଂ ନିୟୋଜିତ କର୍ମଚାରୀଙ୍କ ସହ ମନ୍ତ୍ରୀ ବାର୍ତ୍ତାଳାପ କରିଥିଲେ। ଏହି ହଷ୍ଟେଲରେ ୫୦ ଜଣ କର୍ମଜୀବୀ ମହିଳାଙ୍କ ରହଣି ପାଇଁ ସୁବିଧା ରହିଛି। ସମସ୍ତଙ୍କ ପାଇଁ ସ୍ୱତନ୍ତ୍ର ବେଡ୍ ସାଙ୍ଗକୁ ଆସବାବପତ୍ର ରଖିବା ପାଇଁ ଆଲମିରା ବ୍ୟବସ୍ଥା ଉପଲବ୍ଧ ଅଛି। ଏହାବାଦ ସକାଳ ଜଳଖିଆ, ମଧ୍ୟାହ୍ନ ଏବଂ ରାତ୍ରିଭୋଜନ ପାଇଁ ରୋଷେଇ ବ୍ୟବସ୍ଥା ସାଙ୍ଗକୁ ସ୍ୱତନ୍ତ୍ର ଡାଇନିଂ ହଲ୍, ବିଶୁଦ୍ଧ ପାନୀୟ ଜଳ, ଫ୍ରିଜ୍, ଗିଜର, ୱାସିଂ ମେସିନ୍, କୁଲର୍, ରୁମ୍ ହିଟର୍, ଲଣ୍ଡ୍ରୀ, ଦୁଇଚକିଆ ଯାନ ପାଇଁ ପାର୍କିଂ, ମନୋରଞ୍ଜନ ପାଇଁ ଟିଭି ଏବଂ ୱାଇଫାଇ ଇତ୍ୟାଦିର ସୁବିଧା ରହିଛି। ସୁରକ୍ଷା ତଦାରଖ ପାଇଁ ସ୍ୱତନ୍ତ୍ର ସୁରକ୍ଷା କର୍ମୀ ନିୟୋଜିତ ଥିବା ବେଳେ ପରିସରରେ ୨୪ ଘଣ୍ଟିଆ ସିସିଟିଭି ବ୍ୟବସ୍ଥା ଏବଂ ମହିଳା କର୍ମଚାରୀ ନିୟୋଜିତ ଅଛନ୍ତି। କର୍ମଜୀବୀ ମହିଳାଙ୍କ ସହ ସେମାନଙ୍କର ଶିଶୁ ମଧ୍ୟ ଏଠାରେ ରହିପାରିବେ। ଶିଶୁଙ୍କ ଯତ୍ନ ନେବା ପାଇଁ ଏଠାରେ ଏକ କ୍ରେଚ୍ ବା ଆମ କଳିକା କେନ୍ଦ୍ର ମଧ୍ୟ ଖୋଲାଯିବାର ଯୋଜନା ଅଛି। ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାଷିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଗଣ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଅଧିକାରୀବୃନ୍ଦ ଏବଂ ପରିଚାଳନା ସଂସ୍ଥା ଓସ୍କାର କର୍ମକର୍ତ୍ତା ଉପସ୍ଥିତ ଥିଲେ। କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା. ମଧୁସ୍ମିତା ସାମନ୍ତରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ହାତୀପଲ ଉଜାଡ଼ିଲେ କୋବି ଫସଲ



**ଚମ୍ପୁଆ,୨୭ ।୧(ସମିସ):** ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ କମିବାରେ ନାଁ ଧରୁନାହିଁ। ଦିନରେ ହାତୀପଲ ଜଙ୍ଗଲ ମଧ୍ୟରେ ରହୁଥିବା ବେଳେ ସଞ୍ଜ ନଇଁଲେ ଜନବସତି ଆଡ଼କୁ ମାଡ଼ିଆସି ଫସଲ ନଷ୍ଟ କରିଚାଲିଛନ୍ତି। ବର୍ତ୍ତମାନ ୧୩ ଟିକିଆ ହାତୀପଲ ଚମ୍ପୁଆ ରେଞ୍ଜରେ ଅବସ୍ଥାନ କରି ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲ ଜାମୁଦଳକ ପଞ୍ଚାୟତର ଜଡ଼ିପଦା ଅଞ୍ଚଳରେ ହଜାର ହଜାର ବନ୍ଧାକୋବି ଖାଇବା ସହିତ ମାଡ଼ିଦେଇ ନଷ୍ଟ କରିଛନ୍ତି। ଚାଷୀ ରାଘବ ମହାନ୍ତ, ମଙ୍ଗୁଲୁ ମହାନ୍ତ, ସିକନ୍ଦର ହାଇବ୍ରୁ ଆଦି ମାନଙ୍କର କୋବିଚାଷକୁ ହାତୀପଲ ଉଜାଡ଼ି ଦେଇଛନ୍ତି। ଏ ନେଇ ବନପାଳ ନଗେନ୍ଦ୍ର ଜେନାଙ୍କୁ ପଚାରିବାରୁ କହିଛନ୍ତି ଯେ ଆମେ ହାତୀପଲ ଉପରେ ନଜର ରଖିଛୁ। ଝାଡ଼ଖଣ୍ଡ ଅଞ୍ଚଳରୁ ଏହି ହାତୀପଲ ଓଡ଼ିଶା ମଧ୍ୟକୁ ପ୍ରବେଶ କରି ଚାଷ ନଷ୍ଟ କରୁଛନ୍ତି। ଚାଷୀମାନେ ସରକାରଙ୍କ ନିୟମ ଅନୁସାରେ କ୍ଷତିପୂରଣ ପାଇବେ ବୋଲି ସୂଚନା ଦେଇଛନ୍ତି।

## ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

**ତୁରୁମୁଙ୍ଗା,୨୭।୧(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ୪୯ ନମ୍ବର ଜାତୀୟ ରାଜପଥ ଝାରବେଡା ଛକରେ ଶୁକ୍ରବାର ରାତିରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା ଗ୍ରସ୍ତ ହେବାରୁ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ ଆରୋହୀ ହେଲେ ସୋରାସପଶି ଗ୍ରାମର ଅଶୋକ ମହାନ୍ତ। ତାଙ୍କୁ ଏନ୍ଏଚ୍ଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଗଛରେ ପିଟିହୋଇ ୧ ମୃତ; ଜଣେ ଗୁରୁତର

**ବଡ଼ବିଲ,୨୭।୧(ସମିସ):** କେନ୍ଦୁଝର ଜିଲ୍ଲା ରୁଗୁଡି ଥାନା ଅନ୍ତର୍ଗତ ଭୂୟାଁ ରୋଇଡା ଗ୍ରାମପଞ୍ଚାୟତରେ ଏକ ବାଇକ୍ ଗଛରେ ପିଟି ହୋଇଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗତକାଲି ଅପରାହ୍ନ ୩ଟା ସମୟରେ ରୋଇଡାରୁ ଦୁଇ ଜଣ ଯୁବକ କୌଣସି କାମରେ ବାଇକ୍ ଯୋଗେ ଭଦ୍ରାସାହି ଯାଇ ସେଠାରୁ ରୋଇଡା ଫେରୁଥିବା ବେଳେ ରୋଇଡାସ୍ଥିତ ଡି ବ୍ଲକ ଛକ ନିକଟବର୍ତ୍ତୀ ଏକ ନିମଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ଶିବାନନ୍ଦ ଓରାମ (୨୪)ଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ମହେନ୍ଦ୍ର ଓରାମ (୨୨) ଗୁରତର ଆହତ ହୋଇଛନ୍ତି। ଉଭୟଙ୍କ ସ୍ଥାନୀୟ ଲୋକ ଉଦ୍ଧାର କରି ଯୋଡ଼ା ସ୍ଥିତ ଟିସ୍କୋ ହସ୍ପିଟାଲକୁ ନେଇଯାଇଥିଲେ। ତେବେ ସେଠାରେ ଡାକ୍ତର ଶିବାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ମହେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

## ଉଦ୍‌ଘାଟିତ ହେଲା ସେଲ୍ଫି ପଏଣ୍ଟ




**ସୋସୋ, ୨୭।୧(ସମିସ):** ହାଟଡିହୀ ବ୍ଲକ କାର୍ଯ୍ୟାଳୟରେ ଦୁଇପାଖର୍ ଘାସ ଗାଲିଜା ଓ ଫୁଲ ଗଛ ସାଙ୍ଗକୁ ଏକ ସେଲ୍ଫି ପଏଣ୍ଟ କରାଯାଇ ଉଦ୍‌ଘାଟିତ କରାଯାଇଛି। ଯାହାକି ବ୍ଲକ କାର୍ଯ୍ୟାଳୟ ପରିସରରେ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ଲୋକମାନଙ୍କୁ ଆକୃଷ୍ଟ କରୁଛି। ଏହି ସେଲ୍ଫି ପଏଣ୍ଟ 'ମୋ ଲଭ ହାଟଡିହୀ' ଲେଖାଯାଇଛି। ବିଧାୟକ, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ମା' ଥାନପତି କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଆନନ୍ଦପୁର,୨୭।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ପଞ୍ଚାୟତର ନାହାଗୁଣା ଗ୍ରାମରେ ମା' ଥାନପତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ପ୍ରାୟ ୩୪ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଆଜିର ଫାଇନାଲ ମ୍ୟାଚ୍‌ରେ ଭାଟିସିରା କ୍ରିକେଟ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯ ୱିକେଟ ହରାଇ ୧୦୮ ରନ୍ କରିଥିଲା। ଜବାବରେ ମା' ଥାନପତି କ୍ରିକେଟ କ୍ଲବ ୧୨ ଓଭରରେ ୧୦୩ ରନ୍ କରି ପରାଜିତ ହୋଇଥିଲା। ଅମ୍ପାୟର ଭାବେ ପ୍ରକାଶ ଖିଲାର, ବସନ୍ତ ରଣା ଓ ଧାରାବିବରଣୀରେ ସୁବାସ ଖିଲାର, ମନୋଜ କୁମାର ପଲେଇ, ସ୍କୋରର ଭାବେ କମଳା ମହାନ୍ତ ସହଯୋଗ କରିଥିଲେ। ପରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ନେତା ପୃଥ୍ୱୀରାଜ କୁଅଁର, ସମ୍ମାନୀତ ଭାବେ ବିଜୟ କୁମାର ପାତ୍ର, ପଦ୍ମନାଭ ମହାନ୍ତ ଓ ସୁଦର୍ଶନ ମହାନ୍ତ ଯୋଗ ଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମା' ଥାନପତି କ୍ଲବର ସଦସ୍ୟ ହିମାଂଶୁ ମହାନ୍ତ, ଦୀପକ କୁମାର ମହାନ୍ତ, ସନ୍ତୋଷ କୁମାର ମହାନ୍ତ, ଅକ୍ଷୟ ମହାନ୍ତ, ରଞ୍ଜନ ମହାନ୍ତ, ଅମୀୟ ମହାନ୍ତ ସହଯୋଗ କରିଥିଲେ।

## ନୂଆ ଓଡ଼ିଶା ଯୁବ ଓଡ଼ିଶାର ଉଦ୍‌ଯାପନୀ ଦିବସ

**ବେଲବାହାଲି,୨୭।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ସ୍ଥିତ ନୟାଗଡ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଠାରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଚାଲିଥିବା ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ମଲ୍ଲିକଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଜୟନ୍ତ କୁମାର ମହାନ୍ତି ଏହି ସଭାକୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଯଦୁନାଥ ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ କ୍ରୀଡ଼ା, ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ସେବା ମୂଳକ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନୀତ କରାଯାଇଥିଲା। ପୂଜା ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦିଲ୍ଲୀପ ଜେନା ଦ୍ୱିତୀୟ ସ୍ଥାନ ଓ ତୃତୀୟ ସ୍ଥାନ ପ୍ରଦ୍ୟୁସ୍ମିତା ସାମଲ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ସୌରୀପ୍ରସାଦ ମହାନ୍ତି, ବିନୟ ସ୍ୱାଇଁ, ସରୋଜକାନ୍ତ ରାଉତ, ଚିତ୍ତରଞ୍ଜନ ନାଏକ, ଶଶୀଭୂଷଣ ପତି, ମହେଶ୍ୱର ରାଉତ, କୈଳାସ ଚନ୍ଦ୍ର ନାଏକ, ଦେବସ୍ମିତା ଜେନା, ସନ୍ଧ୍ୟାରାଣୀ ରାଉତ, ଉରୀ ଚକ୍ର, ତପସ୍ୱିନୀ ପାତ୍ରଙ୍କ ସମେତ ସମସ୍ତ ଛାତ୍ର ଛାତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ହାଟଡ଼ିହୀ ବ୍ଲକର ପ୍ରତିଷ୍ଠା ଦିବସ ପାଳିତ



**ସୋସୋ/ହାଟଡିହୀ,୨୭।୧(ସମିସ):** ହାଟଡିହି ବ୍ଲକର ୬୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଭାଗୀରଥି ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଜିଲ୍ଲା ପରିଷଦ ସଦସ୍ୟା କୌଶଲ୍ୟା ସେଠୀ ଓ ସୁକାନ୍ତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକସ୍ତରୀୟ ପରେଡ୍‌ରେ ଅଂଶ ଗ୍ରହଣ କରିଥିବା ହାଟଡିହି ନୋଡାଲ ୟୁପି ସ୍କୁଲ, ହାଟଡିହି ଉଚ୍ଚ ବିଦ୍ୟାଳୟ, ହାଟଡିହି ସରସ୍ୱତି ଶିଶୁ ମନ୍ଦିର, ହାଟଡିହି ବାଳିକା ଉଚ୍ଚ ବିଦ୍ୟାଳୟ, ଜଳ କଳଙ୍ଗ ୟୁଜିଏମ୍‌ଙ୍କୁ ପଦକ ଦେଇ ପୁରସ୍କୃତ କରାଯାଇଥିଲା। କର୍ମଚାରୀଙ୍କ ମଧ୍ୟରେ ଛବି ଦେଖି ଚିହ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସାହିତ୍ୟିକଙ୍କୁ ପୁନର୍ନବା ପ୍ରଜ୍ଞା ସମ୍ମାନ



**ଆନନ୍ଦପୁର,୨୭।୧(ସମିସ):** ଆନନ୍ଦପୁରର ବିଶିଷ୍ଟ ସାହିତ୍ୟିକ ଓ କବି ପ୍ରଫେସର ଗଦାଧର ମିଶ୍ରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମୁଖ ସାହିତ୍ୟାନୁଷ୍ଠାନ ପୁନର୍ନବା ସାହିତ୍ୟ ସଂସଦ ପକ୍ଷରୁ 'ପୁନର୍ନବା ପ୍ରଜ୍ଞା ସମ୍ମାନ- ୨୦୨୪' ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ବିଶିଷ୍ଟ ଔପନ୍ୟାସିକା ଡ. ସୁଲୋଚନା ଦାଶ, କଥାକାର ଡ. ତରୁଣ କୁମାର ସାହୁ ଓ ଅନୁଷ୍ଠାନର ସମ୍ପାଦକ ଡ. ପ୍ରକାଶ କୁମାର ପରିଡ଼ା ପ୍ରମୁଖ ପ୍ରଫେସର ମିଶ୍ରଙ୍କୁ ସମ୍ମାନ ଫଳକ, ଉପଢ଼ୌକନ ସହ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ।

## ତୁରୁମୁଙ୍ଗାରେ କିଶୋରୀ ସ୍ୱାସ୍ଥ୍ୟମେଳା

**ତୁରୁମୁଙ୍ଗା,୨୭।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଅଙ୍ଗନବାଡି କେନ୍ଦ୍ର ପରିସରରେ ଶନିବାର ତୁରୁମୁଙ୍ଗା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପାଟଣା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମିଳିତ ଉଦ୍ୟମ ରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈବଲ୍ୟ ସାହୁ ଯୋଗଦେଇଥିଲେ ସମ୍ମାନିତ ଅତିଥି ଭାବରେ ତୁରୁମୁଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଡ. ସିଡି ମୋନାଲିସା, ଦଧିବାମନ ଡିଗ୍ରୀ କଲେଜର ଇଂରାଜୀ ବିଭାଗର ଅଧ୍ୟାପିକା ଜଗତ ଜନନୀ ଜେନା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଡେମନଷ୍ଟ୍ରେଟର ସୁଧାଂଶୁ ଶେଖର ସାହୁ, କ୍ରୀଡ଼ାବିତ ବିରେନ୍ଦ୍ର କୁମାର ମହାନ୍ତ, ଶିକ୍ଷୟତ୍ରୀ ସଙ୍ଘମିତ୍ରା ସାହୁ ସୁପରଭାଇଜର କୌଶଲ୍ୟା ମହାନ୍ତ, ପୋଷଣ କୋଓର୍ଡ଼ିନେଟର ପ୍ରତିମା ସାହୁ ପ୍ରମୁଖ ଯୋଗଦେଇଥିଲେ। କିଶୋରୀମାନଙ୍କ ଦ୍ୱାରା ଭାଷଣ ପ୍ରତିଯୋଗିତା, ଝୋଟିପକା, ନାଚ ଗୀତର ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ପଞ୍ଚାୟତ ୧୫୦ ଜଣ କିଶୋରୀ ଉପସ୍ଥିତ ରହିଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ କୁନ୍ତଳା ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

● ସାଇଁକୁଳ ହିଙ୍ଗୁଳା କପ ଫୁଟବଲ

## ଫାଇନାଲରେ ୟଙ୍ଗ୍ ଉତ୍କଳ କଟକ, ସୋଧପୁର କୋଲକତା

**ଘସିପୁରା,୨୭ ।୧(ସମିସ):** ସାଇଁକୁଳରେ ଚାଲିଥିବା ହିଙ୍ଗୁଳା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ୟଙ୍ଗ୍ ଉତ୍କଳ କଟକ ବନାମ ସୋଧପୁର କୋଲକତା ମୁହାଁମୁହିଁ ହେବେ। ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ୟଙ୍ଗ ଉତ୍କଳ କଟକ ୬-୩ ଗୋଲରେ ଖଡଗପୁର ଟିମ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫଳରେ ରବିବାର ୟଙ୍ଗ ଉତ୍କଳ କଟକ ବନାମ ସୋଧପୁର କୋଲକତା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ମ୍ୟାଚ ପରିଚାଳନାରେ ରେଫରୀ ଭାବେ ମାନସ ବିଶ୍ୱାଳ, ରାମଚନ୍ଦ୍ର ବେସ୍ରା, ସୁଶାନ୍ତ ସିଂ, ଗଗନବିହାରୀ ପରିଡା, ସକ୍ରିୟ ସହଯୋଗ କରିଥିଲେ। କ୍ଲବର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ମାର୍କଣ୍ଡ ସାମଲ, ଶତ୍ରୁଘ୍ନ ବେହେରା, ଗୋପିନାଥ ସ୍ୱାଇଁ, ବିପିନି ବିହାରୀ ଚକ୍ର, ହିମାଦ୍ରିନାଥ ଜେନା, ନନ୍ଦକିଶୋର ବେହେରା, ବିପିନ ବିହାରୀ ମହାନ୍ତି, ସୁରଥ ପାଢୀ, ଗଙ୍ଗାଧର ସାହୁ, ବିଜୟ ଜେନା, ରବିନ୍ଦ୍ର ତ୍ରିପାଠୀ, ହାଡିବନ୍ଧୁ ପରିଡା, ଚୈତନ୍ୟ ଦେହୁରୀ, ପ୍ରଭାକର ପରିଡା, ଚନ୍ଦ୍ରଶେଖର ବେହେରା, ଆଲୋକ ଦାସ, ଶିବ ମହାରଣା, ଜଗବନ୍ଧୁ ପରିଡା, ତ୍ରିଲୋଚନ ପରିଡା, ମାନସ ପରିଡା ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି।

## ଏମ୍ଏମ୍ସିସି ସମ୍ବଲପୁର, ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଫାଇନାଲରେ

ଗୋଲ୍ଡେନ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଘସିପୁରା,୨୭ ।୧(ସମିସ):** ଘସିପୁରା ବ୍ଲକ ଅଳତି ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୩୦ତମ ଗୋଲ୍ଡେନ କପ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଏମ୍ଏମ୍ସିସି ସମ୍ବଲପୁର ଏବଂ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଏମ୍ଏମ୍ସିସି ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ରାଇଜିଂ ଷ୍ଟୁଡେଣ୍ଟ କଟକ ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ ହରାଇ ମାତ୍ର ୧୩୨ ରନ କରି ପାରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ଟସ୍ ଜିତି ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୧୭ ଓଭରରେ ୫ ୱିକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ୧୬.୨ ଓଭରରେ ୬ ୱିକେଟ ହରାଇ ୧୩୩ ରନ କରି ବିଜୟୀ ହେବା ସହ ଫାଇନାଲକୁ ଉନ୍ନିତ ହୋଇଥିଲା। ରବିବାର ଏମ୍ଏମସିସି ସମ୍ବଲପୁର ବନାମ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସେମିଫାଇନାଲ ମ୍ୟାଚରେ ଏମଏମସିସି ସମ୍ବଲପୁରର କ୍ଷମାସାଗର ବଳ ଏବଂ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱରର ପୁରୁଷୋତ୍ତମ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। କ୍ଲବର ଭେଟରାନ ଖେଳାଳୀ ରବିନ କୁମାର ସାହୁ ଓ ନିରଞ୍ଜନ ମଲ୍ଲିକ ଦୁଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରବିବାର ମେଗା ଫାଇନାଲ ମ୍ୟାଚ ଅବସରରେ ଅନେକ ମାନ୍ୟଗଣ୍ୟ ଅତିଥିଙ୍କ ଗହଣରେ ଓଡିଆ ଚଳଚିତ୍ର ଅଭିନେତା ବାବୁସାନ, ଅଭିନେତ୍ରୀ ଭୂମିକା ଯୋଗଦେବେ ବୋଲି ସୂଚନା ମିଳିଛି।

## ଜୟବାବା ଶନିଶ୍ଚର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ବେଲବାହାଲି,୨୭।୧(ସମିସ):** ହରିଡାପାଳ ପଞ୍ଚାୟତ ମଙ୍ଗଳପୁର ଠାରେ ଜୟବାବା ଶନିଶ୍ଚର କ୍ରିକେଟ୍ କ୍ଲବ୍ ପକ୍ଷରୁ ଦିନିକିଆ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଶିକ୍ଷକ ଧରଣୀଧର ପଣ୍ଡା, ସମାଜସେବୀ ଶରତ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଥମେ କ୍ୱାର୍ଟର ମ୍ୟାଚ୍ ୮ଟି ଦଳ ମଧ୍ୟରେ ଖେଳାଯାଇଥିଲା। ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମଙ୍ଗଳପୁର ୧ ଓଭରରେ ୧୦ ରନ୍ ସଂଗ୍ରହ କରିଥିବା ବେଳେ ଫକିରପୁର ୪ ଗୋଟି ବଲରେ ୧୧ ରନ୍ ସଂଗ୍ରହ କରି ମ୍ୟାଚକୁ ବିଜୟ ଲାଭ କରିଥିଲା। ଫାଇନାଲର ବିଜେତା ଦଳଙ୍କୁ ଅତିଥି ଧରଣୀଧର ପଣ୍ଡା ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ କ୍ରିକେଟ କ୍ଲବର ସଦସ୍ୟ ବାଇଧର ଓଝା, ଆଲୋକ ପଣ୍ଡା, ପ୍ରଶାନ୍ତ କୁମାର ଓଝା, ବ୍ରଜବନ୍ଧୁ ଦାସ,ଓମ୍ ପ୍ରସାଦ ସାହୁ , ସତ୍ୟବ୍ରତ ପଣ୍ଡା, ବଳରାମ ବେହେରା, ଚିତ୍ତରଞ୍ଜନ ସାହୁ, ପ୍ରିୟବ୍ରତ ମହାତର, ସମର ଓଝା, କୈଳାଶ ପଣ୍ଡା, ଗଣେଶ ପଣ୍ଡା, ଦେବଦତ୍ତ ପଲେଇ, ସତ୍ୟହରି ପଣ୍ଡା,ପ୍ରମୁଖ ପରିଚାଳନା କରିଥିଲେ।

## ପିଡିଏସ୍ ଚାଉଳ ହଡ଼ପ ଓ ବଣ୍ଟନରେ ପ୍ରତିରୋଧ: ମାରପିଟ୍‌ରେ ଜଣେ ଗୁରୁତର



**ହାଟଡ଼ିହୀ,୨୭।୧(ସମିସ):** ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗ୍ରାମର ସ୍ନେହଲତା ପରିଡ଼ା ଚାଉଳ ବଣ୍ଟନ କରୁଥିବା ସମୟରେ ହଠାତ୍ ଜାମିଡୀରା ଗ୍ରାମର ହିମାଂଶୁ ନାୟକ, ସୁଜିତ୍ ନାୟକ, ବିକାଶ ନାୟକ, ଅପୁ ନାୟକ ଆସି ପିଡିଏସ୍ ବଣ୍ଟନ ସ୍ଥଳରେ ଗଣ୍ଡଗୋଳ କରିଥିଲେ। ଅଭିଯୋଗ ଅନୁସାରେ, ସ୍ନେହଲତାଙ୍କ ସ୍ୱାମୀ କାହ୍ନୁଚରଣ ପରିଡ଼ା ଚାଉଳ ଦେବା ସମୟରେ ତାଙ୍କୁ ଉକ୍ତ ଯୁବକମାନେ ଆକ୍ରମଣ କରିଥିଲେ। ଏନେଇ ସ୍ନେହଲତା ପ୍ରତିବାଦ କହିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତଳେ ପକାଇ ଘୋଷାଡ଼ି ଦେଇଥିଲେ। ସେ ପାଟି କରିବାରୁ ଗ୍ରାମର କିଛି ଲୋକ ଆସି ଛଡ଼ାଇଥିଲେ। ଏହାପରେ ସ୍ୱାମୀ କାହ୍ନୁଙ୍କ ସହ ସ୍ନେହଲତା ଆସିବା ସମୟରେ ଜାମିଡୀରା ଗାଁ ପାଖ ରାସ୍ତାରେ ତାଙ୍କ ଗାଡ଼ିକୁ ଅଟକାଇ ଭୁଜାଲି ଓ ଲୁହା ରଡ଼ରେ ଆକ୍ରମଣ କରି ଗାଡ଼ି ଏବଂ ମୋବାଇଲ୍ ଛଡ଼ାଇନେବା ସହିତ କାହ୍ନୁଙ୍କ ପକେଟରୁ ନଗଦ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଅଁରା ଗ୍ରାମର ଭଦ୍ରଲୋକ ଜାମିଡୀରା ଗ୍ରାମର ଅନନ୍ତ ନାୟକଙ୍କୁ ଫୋନ୍ କରିବାରୁ ଆକ୍ରମଣକାରୀ ଗାଡ଼ି ଓ ମୋବାଇଲ୍ ଫେରାଇ ଦେଇଥିଲେ ସୁଦ୍ଧା ଟଙ୍କା ଓ ଚାଉଳ ଫେରସ୍ତ କରିନଥିବା ଅଭିଯୋଗ ହୋଇଛି। ଥାନାରେ ଏତଲା କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ସ୍ନେହଲତା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

## ୱାକିଂ ଟ୍ରାକ୍ ଉଦ୍‌ଘାଟିତ



**ଆନନ୍ଦପୁର,୨୭।୧(ସମିସ):** ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ଆନନ୍ଦପୁର ପୌର ପାଳିକା ପକ୍ଷରୁ ନିର୍ମିତ ୱାକିଂ ଟ୍ରାକ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଦିଗୋସେଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ନିତାଇଗୌର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ୱାକିଂ ଟ୍ରାକର ଆଜି ଲୋକାର୍ପଣ ଉତ୍ସବରେ କାଉନସିଲର କୃଷ୍ଣଚନ୍ଦ୍ର ରଣାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଓ ଅନ୍ୟ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା ରାଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଓ ଅନ୍ୟ ସମସ୍ତ କାଉନସିଲର, ଯନ୍ତ୍ରୀ, କର୍ମଚାରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଆରମ୍ଭ ହେଲା ଯୋଡ଼ା ମହୋତ୍ସବ

# ଅଭିଜିତଙ୍କ ସଂଗୀତରେ ଦୁଲୁକିଲା ମଞ୍ଚ





**ଯୋଡ଼ା,୨୭।୧(ସମିସ)**

ଶନିବାର ସନ୍ଧ୍ୟାରେ ୪ର୍ଥ ଯୋଡ଼ା ମହୋତ୍ସବ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ଆରମ୍ଭ ହୋଇଛି। ପ୍ରବଳ ଜନସମାଗମ ମଧ୍ୟରେ ପୂର୍ବାହ୍ନରେ ମା'ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିରାଟ ପଟୁଆରରେ ବଲାଙ୍ଗୀର ଦୁଲ୍ ଦୁଲି ନାଗରା ଓ ଝାଞ୍ଜ, ଭଦ୍ରକରୁ ଆସିଥିବା ବାଦ୍ୟ ସହିତ ସମ୍ବଲପୁରୀ ନୃତ୍ୟର ତାଳେ ତାଳେ ସହର ପରିକ୍ରମା କରିବା ସହ କେନ୍ଦ୍ରୀୟ ଖେଳ ପଡିଆ ଠାରେ ଏକତ୍ରିତ ହୋଇଥିଲେ। ସନ୍ଧ୍ୟା ସମୟରେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ ଓ ଯୋଡ଼ା ପୌରାଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ମହୋତ୍ସବ କମିଟିର ସମ୍ପାଦକ ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି କେକ୍‌କାଟି ମହୋତ୍ସବର ଶୁଭାରମ୍ଭ କରିଥିଲେ। ନୃତ୍ୟ କଳା ଏକାଡେମୀ ଓ ତାଏକ୍ୱୋଣ୍ଡୋ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଳମ୍ବିତ ସନ୍ଧ୍ୟାରେ ସ୍ୱନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର, ଗାୟକ ତାରିକ ଅଜିଜଙ୍କ ମେଲୋଡି କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲା। ଶହ ଶହ ସଂଖ୍ୟାରେ ମହିଳା ପୁରୁଷ ଏହାକୁ ମନଭରି ଉପଭୋଗ କରିଥିଲେ। ଏହି ମହୋତ୍ସବ ଶନିବାରଠାରୁ ଆରମ୍ଭ ହୋଇ ସୋମବାର ଉଦ୍‌ଯାପିତ ହେବ। ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଡା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ଉତ୍ସବର ଆବାହକ ତଥା ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ଟାଟା ଷ୍ଟିଲ ଲଜିଷ୍ଟିକ୍ ମୁଖ୍ୟ ନାରାୟଣ ଶର୍ମା, କମିଟି ସମ୍ପାଦକ ସୁଶାନ୍ତ ବାରିକ ଯୋଗ ଦେଇଥିଲେ। ଏହି ଉତ୍ସବକୁ ନେଇ ଯୋଡା ସମ୍ପୂର୍ଣ୍ଣ ଭାବେ ଉତ୍ସବ ମୁଖରିତ ହୋଇ ପଡ଼ିଛି। ମୁଖ୍ୟତଃ ଏହି ମହୋତ୍ସବରେ ନୃତ୍ୟ ପ୍ରତି ଯୋଗିତା, ଭିନଟେଜ୍ ଗାଡ଼ିର ପ୍ରଦର୍ଶନୀ, ଡଗ୍ ସୋ, ପୁଷ୍ପ ପ୍ରଦର୍ଶନୀ, ସୁନ୍ଦରୀ ପ୍ରତଯୋଗିତା, ବଡ଼ି ବିଲଡିଂ ପ୍ରତିଯୋଗିତା ଏଥିରେ ସ୍ଥାନ ପାଇଥିଲା।

**କୀଚକେଶ୍ୱରୀ ଲୋକ ଉତ୍ସବ ଉଦ୍‌ଘାଟିତ**

# କଳସ ନୃତ୍ୟରେ ଦର୍ଶକ ବିଭୋର






**ବହଳଦା, ୨୭।୧(ସମିସ):**

ବହଳଦାର ଆରାଧ୍ୟା ଦେବୀ ମା' କୀଚକେଶ୍ୱରୀଙ୍କ ମନ୍ଦିର ସମ୍ମୁଖ ପଡ଼ିଆରେ ପ୍ରଥମଥର ପାଇଁ 'କୀଚକେଶ୍ୱରୀ ଲୋକ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଗତ୨୫ ତାରିଖରୁ ଆରମ୍ଭ ହୋଇଥିବା ଲୋକୋତ୍ସବ ୨୭ ତାରିଖରେ ଉଦଯାପିତ ହେବ। ବିଧାୟକ ନବଚରଣ ମାଝୀ ମହୋତ୍ସବକୁ ଉଦଘାଟନ କରି ମାଟିର ମହାନ ସଂସ୍କୃତି ଓ ଲୋକକଳାର ସଂରକ୍ଷଣ ପାଇଁ ପ୍ରୟାସକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ବରିଷ୍ଠ ପୁଲିସ ଅଧିକାରୀ ରାଇସେନ ମୁର୍ମୁ ଓ କାରଗିଲ ଯୋଦ୍ଧା ଭକ୍ତି ହେମ୍ବ୍ରମ ଯୋଗଦେଇ ନିଜ ନିଜ ବକ୍ତବ୍ୟ ଦେଇଥିଲେ। ସକାଳେ ମିନି କ୍ରୀଡାପ୍ରତିଯୋଗିତା ଓ ସହ ଛାତ୍ରଛାତ୍ରୀ ତଥା ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଥମ ସଂଧ୍ୟାରେ ନୃତ୍ୟାଙ୍ଗନା ତାରିଣୀ ପଣ୍ଡାଙ୍କ 'ଆହେ ନୀଳ ଶଇଳ' ଗୀତରେ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଉତ୍ସବ କମିଟିର ସଭାପତି ଅତନୁ କୁମାର ମହାନ୍ତି ଜାତୀୟ ପତକା ଉତ୍ତୋଳନ କରି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଦେଶ ପାଇଁ ସମସ୍ତେ କାର୍ଯ୍ୟ କରିବା ପାଇଁ କହିଥିଲେ। ପରେ ବହଳଦାରେ ଥିବା ୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଳିତ ପରେଡ ପ୍ରତିଯୋଗିତା ହୋଇଥିଲା। ଦିନତମାମ ମୁରୁଜ, ଝୋଟି ଓ ମହେନ୍ଦୀ ଅଙ୍କନ ସହ ପିଲାମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ନୃତ୍ୟ, ସଙ୍ଗୀତ, କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସାଧିକାରୀ ଡଃ ରୀତା ଟୁଡୁ ଓ ଡି.ଏଲ କଲେଜର ଅଧ୍ୟକ୍ଷ ଶ୍ରୀଧର ଆଚାର୍ଯ୍ୟ ଯୋଗଦେଇଥିଲେ। ସଂଧ୍ୟାରେ ନୃତ୍ୟ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝଙ୍କାର ଗ୍ରୁପର କୁନି କଳାକାରମାନଙ୍କ ଦ୍ୱାରା 'ଦଶାବତାର' ନୃତ୍ୟ, ଜାରିତାଣ୍ଡି ହାଇସ୍କୁଲର ଛାତ୍ରୀମାନଙ୍କଦ୍ୱାରା ପାରମ୍ପରିକ ଆଦିବାସୀ 'କଳସ ନୃତ୍ୟ' ଓ କୀଚକେଶ୍ୱରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କଦ୍ୱାରା 'ସ୍ୱାଭିମାନ ମୟୂରଭଞ୍ଜ ମାଟି' ଗୀତରେ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇଥିଲେ। ମିଶନଶକ୍ତି, ଏସଡିସି ମୟୂରଭଞ୍ଜ, ଉତ୍ତର ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ବାଲେଶ୍ୱରର ସିଦ୍ଧି ବିନାୟକ ଆବାସିକ ମହାବିଦ୍ୟାଳୟର, ମୟୂରଭଞ୍ଜ ଗ୍ରାଣ୍ଡ ପ୍ରାଇଭେଟ୍ ଲିଃ, ଭୁବନେଶ୍ୱରସ୍ଥିତ ବିବେକାନନ୍ଦ ହସପିଟାଲର ସହ ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ବ୍ୟବସାୟିକ ପ୍ରତିଷ୍ଠାନ ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି। ପ୍ରତିକୂଳ ପାଗ ସ୍ୱତ୍ତେ ପ୍ରବଳ ଜନଗହଳି ଦେଖାଇବାକୁ ମିଳୁଛି। ୨୭ ତାରିଖ ଶନିବାର ଏହା ଉଦଯାପିତ ହେବ ବୋଲି ସମ୍ପାଦକ ସାମ୍ବାଦିକ ଅଶୋକ କୁମାର ରାଉତ ଜଣାଇଛନ୍ତି।

## ହେମପୁର ହାଇସ୍କୁଲରେ ସ୍ୱଚ୍ଛତା ଅଭିଯାନ

**ବୈଶିଙ୍ଗା, ୨୭ ।୧(ସମିସ):** ହେମପୁର କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱରେ ସାଧାରଣତନ୍ତ୍ର ଦିବସ ଅବସରରେ ହେମପୁର ଗ୍ରାମ୍ୟ ପୁଷ୍କରିଣୀ ଓ ଦେବାଳ ସଫେଇ କରାଯାଇଥିଲା। ଇକୋ କ୍ଲବ ଓ ଶକ୍ତି କ୍ଲବ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଚନ୍ଦନ କୁମାର ଦାସ, ବରିଷ୍ଠ ଶିକ୍ଷକ ତୁଷାରକାନ୍ତ ପାତ୍ର ଓ କ୍ରୀଡା ଶିକ୍ଷକ ଶରତ କୁମାର ବେହେରା ସଂଯୋଜନା କରିଥିଲେ। ତିନିଟି ଦଳରେ ଛାତ୍ରଛାତ୍ରୀ ବିଭକ୍ତ ହୋଇ ଏହି ଅଭିଯାନ ସମ୍ପୂର୍ଣ୍ଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ, ଜୟଶ୍ରୀ ପାଢ଼ୀ, ସବିତା ବାରିକ ଓ ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବାରିପଦା, ୨୭ ।୧(ସମିସ):** ବାରିପଦା ଟାଉନ ଥାନା ଅନ୍ତର୍ଗତ ବାଗଡ଼ିଆ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ୱାର୍ଡ ନମ୍ବର ୨୮ର ବାଗଡ଼ିହା ନାଳ କଡ଼ରେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିଚୟ ମିଳିପାରିନଥିବାବେଳେ ଶବ ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାକୁ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଛି ମୃତକଙ୍କ ପରିଚୟ ଓ ଘଟଣା ନେଇ ତଦନ୍ତ ପ୍ରକ୍ରିୟା ଜାରି ରଖିଛନ୍ତି। ପରିଚୟ ନିମନ୍ତେ ମୃତଦେହ ହସ୍ପିଟାଲରେ ସଂରକ୍ଷିତ ରହିଥିବା ବେଳେ ହସ୍ପିଟାଲ ଫାଣ୍ଡିରେ ଯୋଗାଯୋଗ କରିବାକୁ କୁହାଯାଇଛି। ତେବେ ଶବର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଚତୁରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁଆମରା, ୨୭।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ତମ ଗଣତନ୍ତ୍ର ଦିବସ ପାଳନ ସହ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳ ଲୋଚନ ଦାସ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଅଜୟ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଶକ୍ତିପଦ ଲେଙ୍କା, ସରସ୍ୱତୀ ସାହୁ, ରତିକାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇ ବାପା ମା'ଙ୍କ ଉପଦେଶ ବିଦ୍ୟାର୍ଥୀଙ୍କୁ ଆଗକୁ ନିଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବୈଜୟନ୍ତୀ କର ଧନ୍ୟବାଦ ଦେଇଥିଲେ।

## ଧର୍ଷଣକାରୀକୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ

କରଞ୍ଜିଆ, ୨୭।୧(ସମିସ): ଶନିବାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ପ୍ରଶାନ୍ତ କୁମାର ମିଶ୍ର କରଞ୍ଜିଆ ଥାନାର ଏକ ଭିନ୍ନକ୍ଷମ ମହିଳାଙ୍କୁ ଧର୍ଷଣ ମାମଲାର ବିଚାର କରି ଅଭିଯୁକ୍ତକୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହିତ ୫ ଶହ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ନିତ୍ୟାନନ୍ଦ ମୁର୍ମୁକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଥିବା ଶ୍ରୀ ମିଶ୍ର ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, କରଞ୍ଜିଆ ଥାନା ବାଟପଲସା ଗ୍ରାମର ପେଚା ସାହିରେ ରହୁଥିବା ଜଣେ ଭିନ୍ନକ୍ଷମ ମହିଳାଙ୍କୁ ବଡବାପା ନିତ୍ୟାନନ୍ଦ ଧର୍ଷଣ କରିଥିଲା। ଏହି ଘଟଣା ୫ମାସ ପରେ ପୀଡିତାଙ୍କ ଭାଉଜ ଜାଣିବାପରେ ଏ ନେଇ ୱାର୍ଡ଼ସଭ୍ୟଙ୍କୁ ଜଣାଇଥିଲେ; ହେଲେ ଘଟଣାକୁ ଚପାଇ ଦେଇ ଏକ ହଜାର ଟଙ୍କା ଦେବା ପାଇଁ କହିଥିଲେ। ଏ କଥା କାହାକୁ ନ କହିବାକୁ ଅଭିଯୁକ୍ତ କହିଥିଲା। ପରେ ଗ୍ରାମ ସଭାରେ ଦୁଷ୍କର୍ମ କଥା ଜଣାପଡ଼ିବାରୁ ଅଭିଯୁକ୍ତ ଗର୍ଭନଷ୍ଟ ପାଇଁ ଔଷଧ ଦେଇଥିଲା। ଫଳରେ ପୀଡିତାଙ୍କ ରକ୍ତସ୍ରାବ ହେବାରୁ ଗତ ୨.୯.୨୦ରେ କରଞ୍ଜିଆ ଥାନାରେ ଅଭିଯୋଗ ହୋଇଥିଲା। ପରେ ଡିଏନ୍ ପରୀକ୍ଷା କରାଯାଇଥିଲା। ବଡବାପା ଧର୍ଷଣ କରିଥିବା ଜଣାପଡ଼ିଥିଲା। ଏନେଇ କରଞ୍ଜିଆ ଥାନା ପକ୍ଷରୁ ଚାର୍ଜସିଟ୍ ହେବା ପରେ ବିଚାର ପାଇଁ ପଠାଯାଇଥିଲା। ବିଚାର ସମୟରେ ୧୬ ଜଣଙ୍କର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଶ୍ରୀ ମିଶ୍ର ଅଭିଯୁକ୍ତ ନିତ୍ୟାନନ୍ଦକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

## 'ଓଡ଼ିଆ ଭାଷାରେ ଜଗନ୍ନାଥ ସଂସ୍କୃତିର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର

**ବାରିପଦା, ୨୭ ।୧(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ 'ଓଡ଼ିଆ ଭାଷାରେ ଜଗନ୍ନାଥ ସଂସ୍କୃତିର ପ୍ରଭାବ' ଶୀର୍ଷକ ଏକ ଆଲୋଚନାଚକ୍ର ଅଧ୍ୟକ୍ଷା ଡଃ ସାଗରିକା ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ନୂଆ-ଓ' ଅଧୀନସ୍ଥ ଉକ୍ତ ଆଲୋଚନାଚକ୍ରରେ ଭୂଗୋଳ ବିଭାଗର ଅଧ୍ୟାପିକା ଡ. ସ୍ୱାଗତିକା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷା ସ୍ୱାଗତ ସମ୍ଭାଷଣ ରଖିଥିଲେ। ସଂଯୋଜକ ତଥା ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଲମ୍ବୋଦର ନାୟକ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥି ରୂପେ ଡଃ ସୁଶାନ୍ତ କୁମାର ବସା ଲୋକ ସାହିତ୍ୟଠାରୁ ଆରମ୍ଭ କରି ଶିଷ୍ଟ ସାହିତ୍ୟ ପର୍ଯ୍ୟନ୍ତ ସବୁଠାରେ ଜଗନ୍ନାଥ ସଂସ୍କୃତିକୁ ଉତ୍ତୋଳିତ କରିଥିଲେ। ମୁଖ୍ୟବକ୍ତା ଭାଗବତ ପଣ୍ଡା ଯୋଗଦେଇଥିଲେ। ଅଧ୍ୟାପକ ରଜନୀକାନ୍ତ ଶଙ୍ଖୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ



**ଠାକୁରମୁଣ୍ଡା, ୨୭।୧(ସମିସ):** ଠାକୁରମୁଣ୍ଡା ବ୍ଲକସ୍ତରୀୟ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ହାଇସ୍କୁଲ ପଡ଼ିଆରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଭାପତି ତଥା ବିଡ଼ିଓ ମନୋଜ କୁମାର କାର୍ଜି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଠାକୁରମୁଣ୍ଡା ବ୍ଲକର ପଡ଼ିଆବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିଶାପୋଷିସ୍ଥିତ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଜାତୀୟ ସ୍ତରରେ ପ୍ରତିଯୋଗିତା କରି ପାଇପ ବ୍ୟାଣ୍ଡରେ ନୂଆଦିଲ୍ଲୀର ଧ୍ୟାନଚାନ୍ଦ ଷ୍ଟାଡିୟମରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସମସ୍ତ ୨୫ ଜଣ ଛାତ୍ରୀ ସମେତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେଡରେ ଠାକୁରମୁଣ୍ଡା ହାଇସ୍କୁଲ ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ବ୍ରିଗେଡ଼ ସୈନିକ ସ୍କୁଲ ତୃତୀୟ ସ୍ଥାନ ଗ୍ରହଣ କରି ରନିଙ୍ଗ ସିଲ ଗ୍ରହଣ କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ବ୍ରିଗେଡ଼ ସୈନିକ ସ୍କୁଲ ଏବଂ ହେରିଟେଜ ଇଂଲିଶ ମିଡିୟମ ସ୍କୁଲ ୩ଟି ସ୍ତରରେ ପ୍ରତିଯୋଗିତା କରି ଉଚ୍ଚ ପ୍ରାଥମିକ, ପ୍ରାଥମିକ ଓ ନିମ୍ନ ପ୍ରାଥମିକ ବିଭାଗରେ ପ୍ରଥମ ସ୍ଥାନ ଦଖଲ କରି ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଦିବସ ପାଳନ କମିଟିର ସମ୍ପାଦକ ଗିରିଶ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ସଦସ୍ୟ ଚକ୍ରଧର ଦାସ, ତାରାକାନ୍ତ ପଟ୍ଟନାୟକ, ରବୀନ୍ଦ୍ର ବାରିକ, ପ୍ରଦ୍ୟୁମ୍ନ ବାରିକ, ଯୋଗେନ୍ଦ୍ର ପାତ୍ର, ରାଜୀବ ଦେହୁରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ ସାହୁ, ବିଏସଏସଓ ରମଣିରଞ୍ଜନ ମଲ୍ଲିକ, ଏପିଓ ଧ୍ୟାନଚନ୍ଦ୍ର ମହାନ୍ତ ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ଶେଷରେ ପଦ୍ମଲୋଚନ ନନ୍ଦ ଧନ୍ୟବାଦ ଦେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ନାଏକ, ବିଇଓ ରାଇରଙ୍ଗପୁର ଭାଗ୍ୟରଥ ମହାନ୍ତି, ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ, ଲକ୍ଷ୍ମୀନାରାୟଣ ମହାନ୍ତ, ନନ୍ଦକିଶୋର ବାରିକ, ବସନ୍ତ କୁମାର ପଇବର୍ତ୍ତି, ସବଇନ୍ସପେକ୍ଟର ଅନିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ଆଲୋଚନାଚକ୍ର



**ବାରିପଦା, ୨୭ ।୧(ସମିସ):** ତକତପୁରସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିସରରେ 'ଆଇନ ବୈଧତାରେ ସମ୍ବିଧାନର ଆବଶ୍ୟକତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ସୁକାନ୍ତ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଆଇନ ବିଭାଗର ମୁଖ୍ୟ ପ୍ରଫେସର ପ୍ରମୋଦ କୁମାର ପାଢ଼ୀ ପ୍ରଥମ ବର୍ଷର ପୋଷ୍ଟ ଗ୍ରାଜୁଏଟ ଆଇନ ବିଭାଗର ଛାତ୍ରଛାତ୍ରୀଙ୍କୁ ସମ୍ବିଧାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୋଷ୍ଟ ଗ୍ରାଜୁଏଟ ଆଇନ ବିଭାଗର ମୁଖ୍ୟ ପ୍ରଧାପକ ଡକ୍ଟର ମନୋଜ କୁମାର ସଦୁଆଳ ଓ କେନ୍ଦୁଝର ପ୍ରଭାସ ମଞ୍ଜରୀ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଧନେଶ୍ୱର ଦାଶ ଉପସ୍ଥିତ ଥିଲେ। ଅଧ୍ୟାପକ ଡକ୍ଟର ରଞ୍ଜନ କୁମାର ତରେଇ, ଡକ୍ଟର ବନମାଳୀ ବାରିକ୍, ଭକ୍ତଚରଣ ସୋରେନ ଓ ଆଧ୍ୟାପିକା ଲୋରା ଆପ୍ତପ୍ରଭାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଶେଷରେ ମୁଖ୍ୟଅତିଥିଙ୍କ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ଜିତେନ୍ଦ୍ର ପାଲ ଧନ୍ୟବାଦ ଦେଇଥିଲେ।

## ଜଗବନ୍ଧୁ ହାଇସ୍କୁଲର ବାର୍ଷିକ ଉତ୍ସବ

ବଡ଼ସାହି, ୨୭।୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ବାଲିଯୋଡା ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପାର୍ବତୀ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିରୂପେ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ଦାସ, ମୁଖ୍ୟବକ୍ତା ରୂପେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବରିଷ୍ଠ କବି ଡ଼ ନୀଳକଣ୍ଠ ମିଶ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱବ୍ରତ ଭୂୟାଁ, ପୂର୍ବତନ ପ୍ରଧାନଶିକ୍ଷକ ଶଙ୍କର ଜେନା, ପୂର୍ବତନ ଶିକ୍ଷକ ପଦ୍ମଲୋଚନ ରଣା, ଆଲୁମିନି ସଭାପତି ବିମଳ ଲୋଚନ ପ୍ରତିହାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଗଦାଧର ମହାନ୍ତ ଓ ସମା ସିଂ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ୨୦୨୩ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତିଭା ମଢେଇ, ଶ୍ରେଷ୍ଠ କୁନି ବୈଜ୍ଞାନିକ ରୂପେ ସୁମିତ୍ରା ମାରାଣ୍ଡି, ଶ୍ରେଷ୍ଠ କ୍ରୀଡ଼ାବିତ୍ତ ସୁମିତ୍ରା ସିଂ, ଅଲରାଉଣ୍ଡର ବେଷ୍ଟ ତିଳତମା ସିଂ, କ୍ରୀଡା ଚାମ୍ପିଅନ ବାଳକ ବିଭାଗରେ ଜଗନ୍ନାଥ ସିଂ ଓ ବାଳିକା ବିଭାଗରେ ସୁମିତ୍ରା ସିଂ, ହାଉସ ପ୍ରତିଯୋଗିତାରେ ମୟୂରୀ ଓ ଶିମିଳିପାଳ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ, କ୍ଲବ ପ୍ରତିଯୋଗିତାରେ ଜିଜ୍ଞାସା, ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, କୌଶଳୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଆଦିଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦୀପକ ରାମ ଅତିଥି ପରିଚୟ ଓ ଶିକ୍ଷକ ପାର୍ଥସାରଥୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଢାବୁଲ ତାମସା ଓ ଚକି ଖେଳ ପ୍ରତିଯୋଗିତା



**ବଡସାହି, ୨୭।୧(ସମିସ):** ବଡସାହି ବ୍ଲକ ଦେଉଳିଆ ପଞ୍ଚାୟତ କୁଳିବଣିଆ ସାହିରେ 'ମା' ମହୁଲଶୁଣୀ ୟୁଥ କ୍ଲବ' ଆନୁକୂଲ୍ୟରେ ୫ମ ବାର୍ଷିକ ଢାବୁଲ ତାମସା ଓ ଚକି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଯୁବ ସଭାପତି ତଥା ପଞ୍ଚାୟତର ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଛନ୍ତି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତିର ସଭାପତି ଅନୀତା ରାଉତ, ସମ୍ପାଦିକା ଲଳିତା ମାରାଣ୍ଡି, ବ୍ରହ୍ମାନନ୍ଦ ସଦୁଆଳ, ସଞ୍ଜୀବ କୁମାର ସଦୁଆଳ ପ୍ରମୁଖ ଯୋଗଦେଇ ନିଜ ନିଜ ଅଭିଭାଷଣ ରଖିବା ସହିତ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ସୁଶାନ୍ତ କୁମାର ବିନ୍ଧାଣୀ ଓ ସମ୍ପାଦକ ଅଶୋକ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଧାବୁଲ ତାମସା ଓ ଚକି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚକି ଖେଳରେ ୮ଟି ଦଳ ଭାଗ ନେଇଥିଲେ। ଫଳରେ ଦେଉଳିଆ ଓ କୁଳିବଣିଆସାହି ହାଡଗାର ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏହି ଖେଳରେ ୩୧ରନରେ ଦେଉଳିଆ ଦଳ ଚଳିତ ବର୍ଷ ଚମ୍ପିଆନ ହୋଇଛି। ଅତିଥିମାନେ ଏହି ଦୁଇ ଚମ୍ପିଆନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

## ଅନ୍ତର୍ଜାତୀୟ ଯୁବ ଏକତା ମହୋତ୍ସବ

ବିଶୋଇ, ୨୭ ।୧ (ସମିସ): ଜାତୀୟଯୁବ ପ୍ରକଳ୍ପ ମୟୂରଭଞ୍ଜ ୟୁନିଟ ପକ୍ଷରୁ ଅନ୍ତର୍ଜାତୀୟଯୁବ ଏକତା ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି। ଭାରତ, ଇଣ୍ଡୋନେସିଆ, ନେପାଳ ଓ ବାଙ୍ଗଲାଦେଶ ଦେଶ ଏହି ମହୋତ୍ସବରେ ସାମିଲ ହୋଇ ନିଜର ପାରମ୍ପରିକ ସଂସ୍କୃତି କଳା ପ୍ରଦର୍ଶନ କରିଥିଲେ। ଗତ ୨୫ ତାରିଖରେ ଏହି ଉତ୍ସବ ବାରିପଦା ଷ୍ଟାଡିୟମଠାରେ ଉଦଘାଟନ ହେବା ପରେ ଦେଶର ୨୬ଟି ରାଜ୍ୟର ୩୫୦ କଳାକାର ଉଚ୍ଚକଟୀର ପାରମ୍ପରିକ ସଂସ୍କୃତି କଳା ନୃତ୍ୟ ପ୍ରଦର୍ଶନ କରିଥିଲେ। କଳାକାରମାନେ ବାରିପଦାରୁ ବାହାରି ଆଜି ଝାରପୋଖରିଆ, ବାଙ୍ଗରିପୋଷି ଦେଇ ବିଶୋଇରେ ପହଞ୍ଚିଥିଲେ। ବିଶୋଇ ବ୍ଲକ ଛକରେ ସମସ୍ତେ ଏକତ୍ରିତ ହେବା ପରେ ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା ସ୍ୱାଗତ କରିଥିଲେ।

## ଜାତୀୟ ଯୁବ ଏକତା ଶିବିରର ଦ୍ୱିତୀୟ ଦିନ




**ଝାରପୋଖରିଆ, ୨୭ ।୧(ସମିସ):** ଝାରପୋଖରିଆ ଠାରେ ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଶାଖା ଆନୁକୂଲ୍ୟରେ ଦେଶର ବିଭିନ୍ନ ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ଶିବିରକ୍ଷର୍ଥୀଙ୍କୁ ନେଇ ଜାତୀୟ ଏକତା ଶିବିର ପ୍ରଫେସର ଡକ୍ଟର ସରୋଜ ନାୟକ, ସମରେନ୍ଦ୍ର ବସାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶା ଶାଖା ମୁଖ୍ୟ ତଥା ସଂଯୋଜକ ମଧୁଭାଇଙ୍କ ସହିତ ବିଭିନ୍ନ ରାଜ୍ୟରୁ ଆସିଥିବା ସମସ୍ତ ଶିବିରାର୍ଥୀ ନିଜ ନିଜ ରାଜ୍ୟର ପାରମ୍ପରିକ ବେଶଭୁଷା ପରିଧାନ କରି ଏକ ବିରାଟ ପଟୁଆରରେ ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ରାଷ୍ଟ୍ରୀୟ ସମ୍ପାଦକ ଡ଼ଃ ରଣସିଙ୍ଘ ପରମାର, କାରେଇଲ ସୁକୁମାରନ, ମୟୂରଭଞ୍ଜ ଶାଖାର ସଂଯୋଜକ ମଳୟ କୁମାର ନାୟକ, ଅଶୋକ ପୁଷ୍ଟି, ଶିଶିର ପଟ୍ଟନାୟକ, କୁଞ୍ଜବିହାରୀ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଝାରପୋଖରିଆ ବ୍ରିଗେଡ଼ ସ୍କୁଲର ଛାତ୍ରଛାତ୍ରୀ ନୃତ୍ୟ ଗୀତ ମାଧ୍ୟମରେ ଭଞ୍ଜମାଟିକୁ ସ୍ୱାଗତ କରିଥିଲେ। ଶେଷରେ ବାସୁଦେବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପାରମ୍ପରିକ ନୃତ୍ୟରେ ଦୁଲୁକିଲା ତାରାସ୍



**କୁଳିଅଣା, ୨୭।୧(ସମିସ):**

କୁଳିଅଣା ବ୍ଲକ ଡୁମୁରଡିହାଠାରେ ତାରାସ୍ ଆସସିଏସନ୍ କ୍ଲବ୍ ଆନୁକୁଲ୍ୟରେ ୫୭ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୨ ଦିନ ଧରି କ୍ରୀଡା ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ୧୦୦ ମିଟର ଦୌଡ, ବେଙ୍ଗ ଡ଼ିଆଁ, ଅଙ୍କକଷା, ପୁଚି ଖେଳ, ମ୍ୟୁଜିକଚେୟାର, ଲାଖବିନ୍ଧା, ୪୦୦ ମିଟର ଦୌଡ, ଡ୍ୟାନ୍ସ କମ୍ପି ଟିସନ୍, ଲମ୍ବ ଡ଼ିଆଁ, ଉଚ୍ଚ ଡିଆଁ, ସଟପୁଟ, ଡ଼ିସ୍କସ୍ ଥ୍ରୋ ଆଦି ପ୍ରତିଯୋଗିତା ହୋଇ ଥିଲା। ମହିଳାଙ୍କ ଲାଖବିନ୍ଧା, ଦୌଡ ପ୍ରତି ଯୋଗିତା, ଯୁବକ ମାନଙ୍କ ୧୫୦୦ /୩୦୦୦ମିଟର ଦୌଡ, ସାଧାରଣ ଜ୍ଞାନ ପ୍ରତିଯୋଗିତା, ମାଠିଆ ମୁଣ୍ଡେଇ ୧୦୦ ମିଟର ଦୌଡ, ମିସ୍ ତାରାସ୍-୨୦୨୪ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଦିବାସୀ ନୃତ୍ୟ ଲାଗଣେ ନାଚ, କରମ ନାଚ, ଡାଣ୍ଟା ନାଚ, ଦାସାଁୟ ନାଚରେ ପଡ଼ିଆ ଦୁଲୁକି ଉଠିଥିଲା। ହଜାର ହଜାର ଦର୍ଶକ ଯୋଗଦେଇଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ଏଭଳି ଉଦ୍ୟମ ଯୋଗୁଁ ସଂସ୍କୃତି ବଞ୍ଚିରହିଛି ବୋଲି କହିଥିଲେ। ପୂର୍ବତନ ସେକ୍ରେଟାରୀ ଗଣେଶ୍ୱର କିସ୍କୁ ଅତିଥି ପରିଚୟ ଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦଚନ୍ଦ୍ର ଟୁଡୁ ନିଜ ବକ୍ତବ୍ୟରେ କହିଥିଲେ ସଫଳତା ପାଇବା ପାଇଁ ଅନବରତ ସଂଘର୍ଷ ଜରୁରୀ। ମଞ୍ଚାସୀନ ଅତିଥି ରୂପେ ପୂର୍ବତନ ବିଧାୟକ ବିରାମ ମୁର୍ମୁ, ଅନନ୍ତ ମୁର୍ମୁ, ଝୁନୁରାମ ସୋରେନ୍, ଫାଡୁ ମୁର୍ମୁ, କାମେଶ୍ୱର ହେମ୍ବ୍ରମ୍, ସୁରେନ୍ଦ୍ର କିସ୍କୁ, ଦିନ ମୁର୍ମୁ ମଞ୍ଚାସୀନ ଥିଲେ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

# ସବୁଠି ଉଡ଼ିଲା ତ୍ରିରଙ୍ଗା

ରାଇରଙ୍ଗପୁର, ୨୭ ।୧(ସମିସ): ରାଇରଙ୍ଗପୁରରେ ଉପଖଣ୍ଡସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କଚେରୀ ପଡ଼ିଆରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିରୂପେ ଉପଜିଲ୍ଲାପାଳ ସରୋଜ କୁମାର ଦାଶ ଯୋଗ ଦେଇ



ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୪ଟି ଗ୍ରୁପ୍ ଅଂଶଗ୍ରହଣ କରିଥିଲେ। ପରେଡ଼ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଏନସିସି ବର୍ଗରେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ, ସ୍କାଉଟ ଗାଇଡ଼ ଓ ରେଡକ୍ରସ ବର୍ଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରେଡକ୍ରସ ଓ ସିଭିଲିଆନ ବର୍ଗରେ କେରଳା ପବ୍ଲିକ ସ୍କୁଲକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳା ନନ୍ଦ ସାହୁ, ରାଇରଙ୍ଗପୁର ଟାଉନ ଥାନା ଆଇଆଇସି, ସୁଚନ୍ଦ୍ର ମହାଲିକ, ରାଇରଙ୍ଗପୁର ପୌରପାଳିକାର କାଉନସିଲରବୃନ୍ଦ, ସହକାରୀ ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ, ରାଇରଙ୍ଗପୁର ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଓକିଲ ସଙ୍ଘ ସଭାପତି ଅକ୍ଷୟ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାନ୍ତି, ରାଇରଙ୍ଗପୁର ମହିଳା ବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ରାମ ପ୍ରମୁଖଙ୍କ ବିଭିନ୍ନ ବିଭାଗୀୟ ପଦାଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ।

**ବିଶୋଇ/ବିଜାତଳା:** ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ବିଜାତଳା ବ୍ଲକ ସରଗଡ଼ା ବନବିଭାଗ କାର୍ଯ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ର



ଯୋଗଦେଇ ପତାକା ଉତ୍ତୋଳନ କରି ଅଖଣ୍ଡ ଭାରତରେ ଦେଶବାସୀଙ୍କୁ ଶାନ୍ତି ପ୍ରତିଷ୍ଠାର ସଂକଳ୍ପ ନେବା ପାଇଁ ଅଭିଭାଷଣ ରଖିଥିଲେ। ବନପାଳ ଲଳିତ ମହାନ୍ତ (ଚଡେଇପାହାଡ଼ି), ବନପାଳ ତରଙ୍ଗିନୀ ମହାନ୍ତ(ସରଗଡ଼ା-୨), ବନରକ୍ଷୀ ଜାଷ୍ଣି ଟୁଡୁ, ବନରକ୍ଷୀ ପର୍ଶୁ ମହାନ୍ତ, ପାରାଷ୍ଟାଫ ଜିତୁ ମାଝୀ, ମଙ୍ଗଳ ମୁଣ୍ଡା, ଗୋବିନ୍ଦ ମୁଣ୍ଡା, ଚାଡ଼ରୁ ମୁଣ୍ଡା, ଶୁକ୍ରା ନାଏକ, ଦୁଲୁ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**କପ୍ତିପଦା:** କପ୍ତିପଦାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୭୫ତମ ଜନରାଜ୍ୟ ଦିବସ ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧକ୍ଷ କାହ୍ନୁଚରଣ ସରେନଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେଶ ପ୍ରଗତିରେ ସହାୟକ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ପରେଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସିଂରାୟ ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କପ୍ତିପଦା ବାଳିକା ବିଦ୍ୟାଳୟ ଚାମ୍ପିଅନ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃବିହାର ରନର୍ସ ଅପ୍ ହୋଇଥିଲା।

**ବଡ଼ଡାଲିମା/ତିରିଙ୍ଗ:** ବହଳଦା ବ୍ଲକ ନିମଡିହି ମା' କୀଚକେଶ୍ୱରୀ କ୍ଲାସେସ୍ ଶିକ୍ଷା କେନ୍ଦ୍ରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜିକ କର୍ମୀ ସଞ୍ଜୟ ସାମନ୍ତରାୟ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସଚିବାଳୟରେ



କାର୍ଯ୍ୟରତ ମଳୟ କୁମାର ଦାଶ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ଦେଇଥିଲେ। ପରିଚାଳନା ନିର୍ଦ୍ଦେଶକ ମାନସ କୁମାର ଦାଶଙ୍କ ଦ୍ୱାରା ରଚିତ ପରୀକ୍ଷା ଉପଯୋଗୀ ମାର୍ଗ ଦର୍ଶିକା (ଗାଇଡ) ପୁସ୍ତକ ଅତିଥିମାନେ ବଣ୍ଟନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶିଖର ମୁର୍ମୁ, ରାଧା ରଞ୍ଜନ ମହାପାତ୍ର, ଜଗତ ବନ୍ଧୁ ସେଠୀ, ଅଭିଷେକ ବାରିକ, ରହିତ ବାରିକ ଶିକ୍ଷୟିତ୍ରୀ ଏସ. ନାୟକ, ଦୀପିକା ମଣ୍ଡଳ, ଅଭିଲିପ୍ସା ଗିରି ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଖୁଟିଂ:** ଶୁକ୍ରୁଳି ବ୍ଲକ କୁମ୍ଭିର୍ଦ୍ଧା କୀଚକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ହାଡିବନ୍ଧୁ ରାଉତ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ମାଝୀଙ୍କ ସମେତ ଶିକ୍ଷକ ମୁକ୍ତିକାନ୍ତ ବଳ, ଯୁଗଳ କିଶୋର ମହାନ୍ତ, ଶିକ୍ଷୟିତ୍ରୀ ରୋମି ଟୁଡୁ ଓ ଦେବଯାନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ଶୁକ୍ରୁଳି:** ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଖୁଟିଂର ମା' କୀଚକେଶ୍ୱରୀ ସେବା ସଦନ କମିଟି ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରୋଗୀଙ୍କୁ କମ୍ବଳ, ଫଳ ଓ ପାଉଁରୁଟି ବଣ୍ଟନ କରାଯାଇଛି। ଏଥିରେ ହିମାଂଶୁ ନାଏକ, ସୁମନ୍ତ କୁମାର ଗିରି, ଦିଲୀପ ପାଣିଗ୍ରାହୀ, ପ୍ରଶାନ୍ତ ମିଶ୍ର, ରଶ୍ମି ରଞ୍ଜନ ନାଏକ, ଡକ ହେମ୍ବ୍ରମ, ଅଜିତ ରାମ, ଜଗଦୀଶ ନାଏକ, ନଗେନ କୁମାର ପାଲ୍ ଓ ସମସ୍ତ ସେବାସଦନର ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶୁକ୍ରୁଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଶାନ୍ତନୁ କୁମାର ଟୁଡୁ ଓ ଅନ୍ୟ ଡାକ୍ତର ମାନେ ସହଯୋଗ କରିଥିଲେ।

**କୁଆମରା/ଖୁଣ୍ଟା,** ୨୭।୧(ସମିସ): ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ଅନୁଷ୍ଠାନରେ ଶୁକ୍ରବାର ୭୫ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ମିନି ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ କରୁଣାକର ଧିନ୍ଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ପରେ ବ୍ଲକ ଉପାଧକ୍ଷା ରଶ୍ମିତା ଚୌଧୁରୀ, ବ୍ଲକ ଶିକ୍ଷା ଅଧିକାର ଡଃ ଅଭିମନ୍ୟୁ ସେଠୀ, ବିଆରସିସି କୁଳମଣି ନାଏକ, ସାନଖୁଣ୍ଟା ପଞ୍ଚାୟତ ସମିତି ସଭ୍ୟ ରଞ୍ଜନ ମହାନ୍ତି, ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଖେଳ ଶିକ୍ଷକ ସୁକେନ୍ଦୁ ମଲ୍ଲିକ ଓ ଚଞ୍ଚଳା ମହାନ୍ତଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସେହିପରି ବ୍ଲକ କାର୍ଯ୍ୟାଳୟରେ ଉପାଧକ୍ଷା ରଶ୍ମିତା ଚୌଧୁରୀ, ଅଧକ୍ଷ ସୁଧନ୍ୟା ନାଏକ ପତାକା ଉତ୍ତୋଳନ କରିଥିଲେ।

**ବିଶୋଇ:** ବିଶୋଇରେ ବ୍ଲକସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ସଂଯୁକ୍ତା ବାଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରି ସାଧାରଣତନ୍ତ୍ର ଦିବସ ପାଳନ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ତୁଳସୀ ସିକ୍ରି ହାଁସଦା, ଉପାଧକ୍ଷ ଚନ୍ଦ୍ରମୋହନ ଗିରି, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ଏସିଏଫ ଧରିତ୍ରୀ ମୁର୍ମୁ, ବିଶୋଇ ସରପଞ୍ଚ କରୁଣା ସାଗର ମାଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ ପ୍ରମୁଖ ଯୋଗଦେଇଥିଲେ। ପରେଡ଼ ପ୍ରତିଯୋଗିତାରେ ଚାମ୍ପିଅନ ଦଳ ବିଶୋଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଅତିଥିମାନେ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସେହିପରି ବ୍ଲକ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଚୈତନ୍ୟ ପ୍ରସାଦ ଗିରି ମଞ୍ଚ ପରିଚାଳନା



ଓ ଶିକ୍ଷକ ରାହୁଲ ନାଏକ ପରେଡ଼ ପରିଚାଳନା କରିଥିଲେ। ବାଡୁଣିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ହରେକୃଷ୍ଣ ସେଠୀ ସହଯୋଗ କରିଥିଲେ। ସେହିପରି ବିଶୋଇ ସ୍ଥିତ ଡାଫୋଡିଲ ଇଣ୍ଟରନ୍ୟାସନ୍ୟାଲ ସ୍କୁଲରେ ମଧ୍ୟ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧକ୍ଷା ତୁଳସୀ ସିକ୍ରି ହାଁସଦା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷ ସତ୍ୟନାରାୟଣ ସେଠୀ, ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତି ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ମଣଦା ସ୍ଥିତ ମାଦାଳି ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମାଦାଳି ସାହୁ ଆଇ.ଟି.ଆଇରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପରାମର୍ଶଦାତା ସନ୍ତୋଷ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

**ଉଦଳା:** ଉଦଳାରେ ଉପଖଣ୍ଡସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଥମେ ପ୍ରତ୍ୟୁଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଉଦଳା ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ପରେଡ଼ ପରେ ଉକ୍ତ ଦିବସ ପାଳନ ଉପଲକ୍ଷେ ବିଭିନ୍ନ ମେଧାବୃତ୍ତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା ରେ ତିନି ଜଣଙ୍କୁ ଏନ୍.ଏ.ସି. ତରଫରୁ ପୁରସ୍କୃତ କରାଯାଇଥିବା ବେଳେ ଏନ୍.ଏ.ସି.ର ଶ୍ରେଷ୍ଠ ସଫେଇ କର୍ମଚାରୀ ଉପେନ୍ଦ୍ର ମୁଖୀଙ୍କୁ ପୁରସ୍କାର ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏଙ୍କ ତରଫରୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପରେଡ଼ ପତିଯୋଗିତାରେ ପ୍ରାଥମିକ, ମଧ୍ୟଇଂରାଜୀ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ମୋଟ ୯ଟି ଦଳ, ସାଂସ୍କୃତିକ (ନୃତ୍ୟଦଳ) ପ୍ରତିଯୋଗିତାରେ ମଧ୍ୟଇଂରାଜୀ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ମୋଟ ୩ ଗୋଟି ଦଳକୁ ପୁରସ୍କୃତ କରାଯାଇଥିଲା। ନିମନ୍ତ୍ରିତ ଅତିଥିଭାବେ ବିଧାୟକ ଭାସ୍କର ମଢ଼େଇ, ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା, ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ପରେ ଉଦଳା ଡାକ୍ତରଖାନା ପରିସରରେ ଆୟୋଜିତ ରକ୍ତଦାନ ଶିବିରକୁ ପରିଦର୍ଶନ କରି ରୋଗୀମାନଙ୍କୁ ମୁଖ୍ୟ ଅତିଥି ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯର୍ୟକ୍ରମରେ ଉପଖଣ୍ଡ ପୁଲିସ ଅଧିକାରୀ ସାର୍ଥକ ରାୟ, ଉଦଳା ଥାନାର ଭାରପ୍ରାପ୍ତ ନିରୀକ୍ଷକ, ବନମାଳୀ ବାରିକ୍, ଉଦଳା ତହସିଲଦାର ମୃତ୍ୟୁଞ୍ଜୟ ମହାନ୍ତି, ସହକାରୀ ଜିଲ୍ଲାପାଳ ସୁବ୍ରତ ଘୋଷ ପ୍ରମୁଖ ଯୋଗଦେଇଥିଲେ।

**ଉଦଳା:** ଉଦଳା ପ୍ରେସ କ୍ଲବ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ଅରୁଣ କୁମାର ମହାନ୍ତି ଜାତୀୟ ପତାକା



ଉତ୍ତୋଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଓ କାର୍ଯ୍ୟକାରିତା ଗଣମାଧ୍ୟମ ଦ୍ୱାରା ହିଁ ସମ୍ଭବ ବୋଲି କହିଥିଲେ। ଏଣୁ ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଦାସ, ସାଲାଏ ମାରାଣ୍ଡି, ସମ୍ପାଦକ ଜଗବନ୍ଧୁ ପ୍ରଧାନ, ହିମାଦ୍ରୀ ଶେଖର ପାଲ, କୃଷ୍ଣଚୈତନ୍ୟ ସଦୁଆଲ, ଅତନୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ।

ସେହିପରି କାଳ ପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସର ରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କମିଟି ସଭାପତି ଯଜ୍ଞନାରାୟଣ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରି କୃଷି ଓ କୃଷକର ବିକାଶ ଦେଶର ବିକାଶ ବୋଲି କହିବା ସହିତ ଏଦିଗରେ କାର୍ଯ୍ୟ କରୁବାକୁ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ସର୍ବେଶ୍ୱର ରାଉତ, କୋଷାଧକ୍ଷ ପୂର୍ଣ୍ଣାନନ୍ଦ ପରିଡ଼ା, ପ୍ରଦୀପ ସାହୁ, ସତ୍ୟନାରାୟଣ ମୋଦୀ, ଗିରିଶ ଚନ୍ଦ୍ର ମହାନ୍ତି, ଭାଗୀରଥି ଲେଙ୍କା, ସରସ୍ୱତୀ ହେମ୍ବ୍ରମ, ସଞ୍ଜୟ ସିଂ ପ୍ରମୁଖ ଉପସ୍ଥିତ ରହି ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ସେହିପରି ଉଦଳା ଓକିଲ ସଙ୍ଘ, ଉପଖଣ୍ଡ ଓକିଲ ସଙ୍ଘ, ବରିଷ୍ଠ ନାଗରିକ ସଂଘ, ଟାଉନ କ୍ଲବ, ବଣିକ ସଂଘ, ଉଦଳା ବିଜେଡି କାର୍ଯ୍ୟାଳୟ, ଆମେ ଉଦଳାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

**ଉଦଳା:** କୁଣ୍ଡାବାଇ ଆର୍.ଡି.ଏସ୍ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରେ ୬୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଖମ୍ବ ସ୍ଥାପନ କରାଯାଇ ସେଥିରେ ତ୍ରିରଙ୍ଗା ପତାକା ଉଡ଼ାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସଭାପତି ଶିକ୍ଷାବିତ୍ ହରିହର ମହାନ୍ତ, ଅଧକ୍ଷ ଡ. ପ୍ରଦୀପ କୁମାର ଗିରି, ପ୍ରଥମେ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ଏହା ସହିତ ସୂଚନା ଫଳକକୁ ଉନ୍ମୋଚନ କରି ଉପସ୍ଥିତ ସମସ୍ତଙ୍କୁ ଶୁଭେଚ୍ଛା ଦେବାସହ ଦେଶର ପ୍ରଗତି ଓ ଉନ୍ନତିରେ ନିଜକୁ ସାମିଲ କରି ସୁନ୍ଦର, ସମୃଦ୍ଧ, ଓ ସଶକ୍ତ ରାଷ୍ଟ୍ର ଗଠନରେ ଛାତ୍ରଛାତ୍ରୀଙ୍କର କର୍ତ୍ତବ୍ୟବୋଧତା ବିଷୟରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

**କରଞ୍ଜିଆ:** ପାଞ୍ଚପିଢ଼ ଉପଖଣ୍ଡସ୍ତରୀୟ ୭୫ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କରଞ୍ଜିଆରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ୮.୩୦ଘଟିକା ସମୟରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ମୁଖ୍ୟଅତିଥି ତଥା ପାଞ୍ଚପିଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ମୋଟ ୪୮ ଜଣ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଜାତୀୟ ଦିବସ ପାଳନ କମିଟି ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ଓ ପ୍ରୟୋଜକଙ୍କ ଦ୍ୱାରା ଅର୍ଥରାଶି ପ୍ରଦାନ କରାଯାଇଥିଲା। ବରିଷ୍ଠ ବର୍ଗରେ ପ୍ରଥମ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, କରଞ୍ଜିଆ ଦ୍ୱିତୀୟ କରଞ୍ଜିଆ ଉଚ୍ଚ ବିଦ୍ୟାଳୟ, କରଞ୍ଜିଆ, ତୃତୀୟ ଶିମିଳିପାଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, କରଞ୍ଜିଆ, ପୁରସ୍କାର ପାଇଥିବା



ବେଳେ କନିଷ୍ଠ ସ୍ତର ରେ ପ୍ରଥମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦ୍ୱିତୀୟ ବିକାଶ କନଭେଣ୍ଟ ସ୍କୁଲ ଓ ତୃତୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଣୀତୀର୍ଥ କରଞ୍ଜିଆ କୃତକାର୍ଯ୍ୟ ହୋଇ ମୁଖ୍ୟଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ସାଂସ୍କୃତିକ ବିଚିତ୍ରା ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ଡି ଏମ ପବ୍ଲିକ ସ୍କୁଲ, କରଞ୍ଜିଆ, ଦ୍ୱିତୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ତୃତୀୟ ଖଜୁରୀ ସାଗର ଉଚ୍ଚ ବିଦ୍ୟାଳୟ, କରଞ୍ଜିଆ ପୁରସ୍କୃତ ହୋଇଥିଲେ। ଏନସିସିରେ ଜେ ଡବ୍ଲ୍ୟୁ କରଞ୍ଜିଆ ଉଚ୍ଚ ବିଦ୍ୟାଳୟ ଓ ଗାଇଡ଼ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କରଞ୍ଜିଆ ପୁରସ୍କୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଅଭିସ୍ମିତା ତିୱାରୀ, ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ସବରେଜିଷ୍ଟ୍ରାର ଯୋତୀନ୍ଦ୍ର ନାଥ ସେଠୀ, ଆଇଆଇସି ନିରୋଜ କୁମାର ମଲ୍ଲିକ, କରଞ୍ଜିଆ ଅଗ୍ନିଶମ ଅଧିକାରୀ ଦୀପକ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**କରଞ୍ଜିଆ:** କରଞ୍ଜିଆର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କରଞ୍ଜିଆ ପ୍ରେସ କ୍ଲବରେ ସଭାପତି ଧରଣୀଧର



ପ୍ରଧାନ ଜାତୀୟ ପତକା ଉତ୍ତୋଳନ କରିଥିବା ବେଳେ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ସଭ୍ୟ ସଞ୍ଜୟ ଅଗ୍ରୱାଲା, ସତ୍ୟବ୍ରତ ବେହେରା, ସମୀର ଓତା, ସୁରେନ୍ଦ୍ର ନାୟକ ସହଯୋଗ କରିଥିଲେ। ଅତିଥି ଭାବେ ଏସଡିସି ସଭ୍ୟ ସମାୟ ଚରଣ ପୂର୍ତ୍ତି, ବଗୁନ ଶୁଣ୍ଡି ଯୋଗ ଦେଇଥିଲେ। ସେହିପରି ପାଞ୍ଚପିଢ ପୂଜ୍ୟପୂଜା ପରିଷଦ ପକ୍ଷରୁ ସଭାପତି ଦୀନବନ୍ଧୁ ମହାନ୍ତ, ସଂକଳ୍ପ ସେବା ଟ୍ରଷ୍ଟ ନାମକ ଗୋ ଶାଳାରେ ସଭାପତି ଧରଣୀଧର ପ୍ରଧାନ, ସଙ୍ଗୀତ ମହାବିଦ୍ୟାଳୟରେ ଅଧକ୍ଷ କରୁଣାକର ଦାଶ, ଆରଏମସିରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ବିବେକାନନ୍ଦ ପବ୍ଲିକ ସ୍କୁଲରେ କମଲଲୋଚନ ବାରିକ, ଏବିଓ ବିପିନ ବିହାରୀ ବାରିକ, ପ୍ରତିଷ୍ଠାତା ସଭାପତି ବିଷ୍ଣୁକୁମାର ଅଗ୍ରୱାଲ, ସମ୍ପାଦକ ରେଖା ଅଗ୍ରୱାଲ, ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟରେ ସଭାପତି ସର୍ବେଶ୍ୱର ମିଶ୍ର, ଓକିଲ ସଙ୍ଘରେ ସମ୍ପଦକ ଦିବ୍ୟ ପ୍ରସାଦ ସାହୁଙ୍କ ସଂଯୋଜନାରେ ସଭାପତି ବାଞ୍ଛାନିଧି ପୃଷ୍ଟି ପତକା ଉତ୍ତୋଳନ କରିଥିଲେ। ସେହିପରି ଭରସା ପରିବାର ପକ୍ଷରୁ ମିଳନ ପଡ଼ିଆରେ ସାମ୍ବାଦିକ ଉମାଶଙ୍କର ଦାସଙ୍କ ଦ୍ୱାରା ପତାକା ଉତ୍ତୋଳନ ହୋଇଥିଲା।

**ଜାମଦା** : ଜାମଦା ବ୍ଲକର ବିଭିନ୍ନ ସ୍ଥାନରେ ୭୫ତମ ସାଧାରଣତନ୍ତ୍ର ଦିବସ



ପାଳିତ ହୋଇଯାଇଛି। ବ୍ଲକ ପରିସରରେ କର୍ମଚାରୀଙ୍କୁ ନେଇ ପତାକା ଉତ୍ତୋଳନ କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ଗୋଷ୍ଠୀକେନ୍ଦ୍ର, ଆରଆଇ ଅଫିସ୍, ଲ୍ୟାମ୍ପସ୍, ଜାମଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଗ୍ନିଶମ ଅଫିସ, ଫରେଷ୍ଟ ଅଫିସ, ବିଭିନ୍ନ କ୍ଲବ୍, ସମସ୍ତ ପଞ୍ଚାୟତରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ସ୍ଲୋଗାନ ଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟଗାନ କରି ଗ୍ରାମ ପରିକ୍ରମା କରିଥିଲେ।

**ବଡସାହି:** ବଡସାହି ବ୍ଲକର ବିଭିନ୍ନ ସ୍ଥାନରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜାତୀୟ ଦିବସ ପାଳନ କମିଟି ଆୟୋଜନରେ ଉ.ପ୍ରା ବିଦ୍ୟାଳୟ ପଡ଼ିଆରେ ବିଧାୟକ ସନାତନ ବିଜୁଳି ପରେଡ ଅଭିବାଦନ ଗ୍ରହଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପ୍ରାରମ୍ଭରେ ବିଧାୟକ ସନାତନ ବିଜୁଳି, ବି.ଡି.ଓ ଆକାଶ କୁମାର ପଣ୍ଡା, ତହସିଲଦାର ଗଦାଧର ଧଳ, ପାଳନ କମିଟିର ସଭାପତି ଶିକ୍ଷାବିତ ରଣଜିତ ଦାସ, ବି.ଇ.ଓ ମଧୁସ୍ମିତା ଗିରି, ଶିକ୍ଷାବିତ ସୁବାସିନୀ ପତି, ବଙ୍କିମ ବିହାରୀ ପାତ୍ର, ରାଜେନ୍ଦ୍ର ଜେନା, ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ମାଝୀ ଓ ଉପାଧକ୍ଷ୍ୟ କାଞ୍ଚନ ପ୍ରଧାନ ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରଣଜିତ ଦାସଙ୍କ ସଭାପତିତ୍ୱ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ବିଜୁଳିଙ୍କ ସମେତ ସମସ୍ତ ଅତିଥିମାନେ ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ବ୍ଲକ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲଳିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତହସିଲରେ ତହସିଲଦାର ଗଦାଧର ଧଳ, ଥାନାରେ ଥାନାଧିକାରୀ ଉମାଶଙ୍କର ନାୟକ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ସି.ଡି.ପି.ଓ ରାଜଶ୍ରୀ ମହାପାତ୍ର ଓ ବ୍ଲକରେ ଚେୟାରମ୍ୟାନ ମିନତୀ ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାବ୍ୟତୀତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, କଂଗ୍ରେସ, ବିଜେଡି ଓ ବିଜେପି କାର୍ଯ୍ୟାଳୟ, କ୍ଲବ୍, ପେଟ୍ରୋଲ ପମ୍ପ ଓ ବିଭିନ୍ନ ଅନୁଷ୍ଠାନରେ ମଧ୍ୟ ଏହି ଦିବସ ପାଳିତ ହୋଇଛି।

**କରଞ୍ଜିଆ:** କରଞ୍ଜିଆ ଅଞ୍ଚଳର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଭରସା ପରିବାର 'ପକ୍ଷରୁ ସ୍ଥାନୀୟ ମିଳନ ପଡ଼ିଆଠାରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ଦାସ ସାଧାରଣତନ୍ତ୍ର ଦିବସର ମହନୀୟତା ସମ୍ପର୍କରେ ଉଦବୋଧନ ଦେଇ ଦେଶରେ ଭାତୃଭାବ, ଏକତା ଓ ଜାତୀୟ ସଂଘତି ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଲମ୍ବୋଦର ମହାନ୍ତ, ବେଣୁ ମହାନ୍ତ, ମାଳତୀ ମହାନ୍ତ, ରଞ୍ଜନା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ



## ଅବସରପ୍ରାପ୍ତ ପୁଲିସ ଅଧିକାରୀ ସଂଘ

ବାରିପଦା: ଓଡ଼ିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀ କଲ୍ୟାଣ ସମିତିର ଜିଲ୍ଲା ଶାଖା ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ନହରପଦାଠାରେ ପାଳିତ ହୋଇଛି। ସଂଗଠନର ବରିଷ୍ଠ ଯୁଗ୍ମ ସମ୍ପାଦକ ନବୀନ ଚନ୍ଦ୍ର ବିଶ୍ୱାଳଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିଲା। ଏଥିରେ ସଂଗଠନର କନିଷ୍ଠ ଯୁଗ୍ମ ସମ୍ପାଦକ ସତୀଶ ଚନ୍ଦ୍ର ମହାନ୍ତ, ସଭ୍ୟ ଶରତ ଚନ୍ଦ୍ର ଗିରି, ସୁଶାନ୍ତ କୁମାର ପଇତା ଓ ଅନ୍ୟମାନେ ଯୋଗଦାନ କରିଥିଲେ। ସଂସ୍ଥାର ପରିଚାଳକ ବିଷ୍ଣୁ ନାରାୟଣ ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ବିଶ୍ୱାଳ ଓ ପରିଚାଳକ ଶ୍ରୀ ପଟ୍ଟନାୟକ ସାଧାରଣତନ୍ତ୍ର ବିଷୟରେ ସମ୍ୟକ ଧାରଣା ଦେଇଥିଲେ।

## ଇଣ୍ଡିଆ ମେଣ୍ଟ

ମୟୂରଭଞ୍ଜ ଇଣ୍ଡିଆ ମେଣ୍ଟ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମେନ୍ ମାର୍କେଟ (ସେବାସଂଘ ହଲ ସମ୍ମୁଖରେ) ପାଳିତ ହୋଇଯାଇଛି। ବାରିପଦା ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲଙ୍କ ପୌରୋହିତ୍ୟରେ ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର ଦେଶର ଗଣତନ୍ତ୍ର, ସ୍ୱାଧୀନତା, ଏକତା ଅଖଣ୍ଡତା, ସାର୍ବଭୌମତ୍ୱ, ସମାଜବାଦ ଓ ସମ୍ବିଧାନ ସୁରକ୍ଷା ପାଇଁ ସଂକଳ୍ପ ପାଠ କରାଇଥିଲେ। ସିପିଏମ ଜିଲ୍ଲା ସମ୍ପାଦକ ରବି ଗୋସ୍ୱାମୀ, ଅମଲ ଦେ ପ୍ରମୁଖ ସମ୍ବିଧାନ ବଞ୍ଚାଇ ରଖିବାକୁ ହେଲେ ବହୁମୂଲ୍ୟ ଦେବାକୁ ଆମେ ପ୍ରସ୍ତୁତ ବୋଲି କହିବା ସହ ସମ୍ବିଧାନ ବଞ୍ଚାଓ- ଗଣତନ୍ତ୍ର ବଞ୍ଚାଓ- ଦେଶ ବଞ୍ଚାଓର ଶପଥ ପ୍ରତ୍ୟେକ ସଚେତନ ନାଗରିକଙ୍କ ଆଜିର ଆହ୍ୱାନ ହେଉ ବୋଲି ମତ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ଅଶୋକ ଅଧିକାରୀ, ଜ୍ୟୋତିପ୍ରକାଶ ରଥ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଟାଉନ ମହିଳା ସଭାନେତ୍ରୀ ରଶ୍ମିତା ମିଶ୍ର, ନାରୀନେତ୍ରୀ ଇତିଶ୍ରୀ ମିଶ୍ର, ଓ୍ୱାହେଦା ଏହମ୍ମଦ, ଏଲଡିଏମ୍ ଶିବାନନ୍ଦ ଦାସ, ଯୁବନେତା ବିକାଶ ମହାଭୋଇ, ଛାତ୍ରନେତା ମୋତି ପ୍ରକାଶ ଦାସ, ଦୀପକ ଦାଶ, ସ୍ୱାଗନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ସଭାପତି ରାସେଶ୍ୱର ସାହୁଙ୍କ ଅଧକ୍ଷତାରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ ସହିତ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକର ଓ ଅନ୍ୟ ସମସ୍ତ ମନିଷୀମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଗୁଣଗାନ କରାଯାଇଥିଲା। ଏହି ଅବସରରେ ଇଂ. ଅନିରୁଦ୍ଧ ପୃଷ୍ଟି, ମେଜର ରବୀନ୍ଦ୍ର ନାଥ ପରିଡ଼ା, ଗୋକୁଳଚନ୍ଦ୍ର ଦାଶ, ଗୌରହରି ପାତ୍ରଙ୍କ ସହିତ ବହୁ ସଭ୍ୟ ଅଂଶଗ୍ରହଣ କରି ନିଜର ବକ୍ତବ୍ୟ ମାନ ରଖିଥିଲେ। ସମ୍ପାଦକ ବିଜୟ କୁମାର ମହାପାତ୍ର ଓ ସହସମ୍ପାଦକ ପ୍ରଦୀପ କୁମାର ପାଣି ସହଯୋଗ କରିଥିଲେ।

## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ

ସ୍ଥାନୀୟ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ଲକ୍ଷ୍ମୀପୋଷି ଆନୁକୂଲ୍ୟରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସୁଶାନ୍ତ କୁମାର ନାଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଏନସିସି, ସ୍କାଉଟ ଗାଇଡ, କବସ ବୁଲବୁଲ, ଶିବାଜୀ ସଦନ, ଟାଗୋର ସଦନ, ଅଶୋକା ସଦନ ଓ ରମଣ ସଦନର ଛାତ୍ରଛାତ୍ରୀ ପରେଡରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଅଶୋକା ସଦନ ପ୍ରଥମ ଓ ଟାଗୋର ସଦନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟ

ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନାସୀ ଆଣ୍ଡ ମ୍ୟାନେଜମେଣ୍ଟ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଜନରାଜ୍ୟ ଦିବସ ଅନୁଷ୍ଠିତ ହେବା ସହିତ ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ଭାରତର ଗୌରବମୟ ଇତିହାସ ଓ ବର୍ତ୍ତମାନ ସମ୍ପର୍କରେ ଅଧକ୍ଷ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ମୋଦନ ମୋହନ ସାହୁ, ଅଧାପକ ଚୌଧୁରୀ ଚରଣ ପାତ୍ର ଛାତ୍ରଛାତ୍ରୀ ରାଷ୍ଟ୍ର ଗଠନରେ ସହଯୋଗୀ ହୁଅନ୍ତୁ ବୋଲି କହିଥିଲେ। ସାନ୍ତାଳୀ ବିଭାଗ ପ୍ରଥମ ବର୍ଷ ଛାତ୍ର ଅରବିନ୍ଦ ଟୁଡୁ ଭାଷଣ ଦେଇଥିଲେ। ଅଧାପକ ଅଧାପିକା ତୃପ୍ତି ଦାସ, ରଞ୍ଜିତ ମାରାଣ୍ଡି, ଅଭିପ୍ସା ନାୟକ, ଦେବାଶ୍ରିତା ବିଶ୍ୱାଳ, ପୂର୍ଣ୍ଣିମା ମହାନ୍ତି, କବିତା ସାହୁ, ସୁଜାତା ପାଲ, ପ୍ରୀତମ କୁମାର ମହାନ୍ତ ପ୍ରମୁଖ ଦେଶ ପ୍ରତି କର୍ତ୍ତବ୍ୟବାନ ହେବା ପାଇଁ ଶପଥ ନେଇଥିଲେ।

## କଣ୍ଟାପାଳ ହାଇସ୍କୁଲ

ଶାମାଖୁଣ୍ଟା ବ୍ଲକସ୍ଥିତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଭାରତୀୟ ଗଣତନ୍ତ୍ରକୁ ମଜବୁତ୍ କରିବା ପାଇଁ ବଦ୍ଧପରିକର ହେବାକୁ ଉଦ୍‌ବୋଧନ ଦେଇଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସହ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଧକ୍ଷ ବିଭୂତି ଭୂଷଣ ମଣ୍ଡଳ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ରଖି ଭାରତୀୟ ସମ୍ବିଧାନର ସୃଷ୍ଟି, କାର୍ଯ୍ୟକାରିତା ଓ ସ୍ୱତନ୍ତ୍ରତା ସମ୍ପର୍କରେ ଅବଗତ କରିଥିଲେ। ନିଜ ଅଭିଭାଷଣରେ ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ସାବିତ୍ରୀ ତିୟୁ ଓ ଉତ୍ପଲ୍ ଖୈର୍ ସାଧାରଣତନ୍ତ୍ର ଦିବସ ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ ଶିକ୍ଷକ ସଂଗ୍ରାମ କେଶରୀ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଅଭିଷେକ ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦେବେନ୍ଦ୍ର କୁମାର ପାଣି, ମହମ୍ମଦ ଫରାନ୍, କମଲଲୋଚନ ଭଦ୍ର, ଅଳକା ପାଣିଗ୍ରାହୀ, ହିମାଂଶୁ ଦାସ, ବିଜୟ କୁମାର ପୃଷ୍ଟି, ଜ୍ୟୋତିର୍ମୟୀ ମହାନ୍ତି, ରାଜେଶ କୁମାର ଗିରି, ସୋନାଲି ମିଶ୍ର, ସୁଶ୍ରୀ ସଙ୍ଗୀତା କର ପ୍ରମୁଖ ସହଯୋଗ କରିଥିଲେ।

## ଆଦର୍ଶ ରାଷ୍ଟ୍ରଭାଷା ବିଦ୍ୟାଳୟ

ଆଦର୍ଶ ରାଷ୍ଟ୍ରଭାଷା ବିଦ୍ୟାଳୟ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସମାଜସେବୀ ମମତା ଖଣ୍ଡେଲୱାଲ ଜାତୀୟ ପତାକା ଉତୋଳନ କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଉପରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭାପତି ଗୟାପ୍ରସାଦ ଖଣ୍ଡେଲୱାଲ ଗଣତନ୍ତ୍ର ଦିବସରେ ଆମର ଭୂମିକା ଉପରେ ନିଜର ମତ ରଖିଥିଲେ। ମୁଖ୍ୟବକ୍ତା ଡ.ଶ୍ୟାମସୁନ୍ଦର ଖଣ୍ଡେଲୱାଲ ନାରୀ ସଶକ୍ତିକରଣ ଉପରେ ନିଜର ମନ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ ଗଣତନ୍ତ୍ର ଦିବସରେ ଆମେ ନିଜକୁ ନିର୍ଭରଶୀଳ ହେବା ଉପରେ କହିଥିଲେ। ଅସୀମ କୁମାର ଚକ୍ରବର୍ତ୍ତୀ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦେବେନ୍ଦ୍ର କୌର, ଇପ୍ସିତା ଦାସ, ବର୍ଷା ଦାସ, ସୁଶ୍ରୀ ରଶ୍ମିରେଖା ପଟ୍ଟନାୟକ, ସୁଶ୍ରୀ ବିସମ୍ମିତା ସେଠୀ, ସନ୍ତୋଷ କୁମାର ନାୟକ, ଜ୍ଞାନରଞ୍ଜନ ବାରିକ, ଭାଗିରଥି କାଲିଆ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରି ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ନୂଆ-ଓ' ଓଡ଼ିଆ ଭାଷା, ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଜଳେଶ୍ୱର ବ୍ଲକ, ୨୭।୧ (ସମିସ) :** ବର୍ଦ୍ଧନାସ୍ଥିତ ଉତ୍ସବ ଚରଣ ଗାଜିଆଣୀ ଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର 'ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଗୁରୁବାର ଉଦଯାପିତ ହୋଇ ଯାଇଛି। ଏହି ଉଦଯାପନୀ ଅବସରରେ କୃତ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରା ଯାଇଥିଲା ତଥା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରା ଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ହରିଶଙ୍କର ଦାସ, ସରକାରଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ନିମନ୍ତେ ଧନ୍ୟବାଦ ଅର୍ପଣ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ମାଧ୍ୟମରେ ପ୍ରତିଯୋଗିତା ମୂଳକ ମନୋଭାବ ସୃଷ୍ଟି ତଥା ଓଡ଼ିଆ ସାହିତ୍ୟ ଓ ସଂସ୍କୃତିଗତ ଚିନ୍ତାଧାରାର ବିକାଶ ହୋଇ ପାରିଛି ବୋଲି ତାଙ୍କ ବକ୍ତବ୍ୟରେ ଅଭିହିତ କରିଥିଲେ। ତତ୍ ପରେ ଅଧ୍ୟାପକ ହେମନ୍ତ କୁମାର ସାହୁ ଓ ଅଧ୍ୟାପିକା ଗୀତା ରାଣୀ ନାଏକ ତାଙ୍କ ବହୁ ମୂଲ୍ୟ ଉପଦେଶମାନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଜଗନ୍ନାଥ ନନ୍ଦୀ, ଅଧ୍ୟାପିକା ସୁସ୍ମିତା ଦାସ, ମୁଖ୍ୟ କିରାଣୀ ଗଙ୍ଗା ନାରାୟଣ ଦାସ ମହାପାତ୍ର, ପୁସ୍ତକାଗାର ରକ୍ଷକ ଚିତ୍ତ ରଞ୍ଜନ ଦାସ, କନିଷ୍ଠ କିରାଣୀ ସୁନିଲ କୁମାର ମହାନ୍ତି, ପିଅନ ମଧୁସୂଦନ ପ୍ରଧାନ, ହରିଶଙ୍କର ବେହେରା ଓ ଡାଟା ଏଣ୍ଟ୍ରି ଅପରେଟର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।ଖେଳ ଅଧ୍ୟାପକ ପରେଶ ଚନ୍ଦ୍ର କମିଳା ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ୪୪ ତମ ବାର୍ଷିକ ଉତ୍ସବ

# ଉତ୍ତମ ଗୁଣବତ୍ତା ବିଶିଷ୍ଟ ଶିକ୍ଷାୟତନ ମନ୍ଦିର ସଦୃଶ

**ଭୋଗରାଇ, ୨୭।୧ (ସମିସ) :**



ଅଭିଭାବକ, ଛାତ୍ରଛାତ୍ରୀ ଓ ଅଧ୍ୟାପକ/ଅଧ୍ୟାପିକାଙ୍କ ଉତ୍ତମ ସମନ୍ୱୟ ହିଁ ଗୋଟିଏ ଶିକ୍ଷାୟତନର ଗୁଣବତ୍ତା ବୃଦ୍ଧି କରେ। ଉତ୍ତମ ଗୁଣବତ୍ତା ବିଶିଷ୍ଟ ଶିକ୍ଷାୟତନ ଏକ ଆଦର୍ଶ ମନ୍ଦିରରେ ପରିଣତ ହୋଇଥାଏ। ଛାତ୍ରଛାତ୍ରୀ ମାନେ ଚରିତ୍ରବାନ, ଶୃଙ୍ଖଳିତ ଓ ସଂସ୍କାରୀ ହେବା ସହ ସମାଜ ଓ ଦେଶର ବିକାଶରେ ନିଜର କର୍ତ୍ତବ୍ୟ ପାଳନ କରିବା ଆବଶ୍ୟକ ବୋଲି ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ମହାବିଦ୍ୟାଳୟ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ)ର ୪୪ ତମ ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି।

ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ ଯୋଗ ଦେଇ ସଂସ୍କାର ଓ ଶୃଙ୍ଖଳା ଛାତ୍ରଛାତ୍ରୀଙ୍କ ଭୂଷଣ ହେବା ଉଚିତ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସର୍ବଦର୍ଶନ ଶାସ୍ତ୍ର ଗବେଷକ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ସହିତ ସେମାନଙ୍କ ମାନସିକ ଏକାଗ୍ରତା ଉପରେ ବିଶେଷ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ଗଦାଧର ଦାସ ମହାପାତ୍ର ଯୋଗଦେଇ ଅଭିଭାବକ, ଛାତ୍ରଛାତ୍ରୀ ଓ ଅଧ୍ୟାପକ/ଅଧ୍ୟାପିକାଙ୍କ ଉତ୍ତମ ସମନ୍ୱୟ ହିଁ ଗୋଟିଏ ଶିକ୍ଷାନୁଷ୍ଠାନକୁ ଆଦର୍ଶ ମନ୍ଦିରରେ ପରିଣତ କରେ ବୋଲି ମତବ୍ୟକ୍ତ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସୁଚିସ୍ମିତା କର ମଞ୍ଚ ଆହ୍ୱାନ, ସଂସ୍କୃତ ଭାଷା ପ୍ରାଧ୍ୟାପକ ଦେବାଶିଷ ପଣ୍ଡା ବେଦପାଠ, ସଂସ୍କୃତ ଭାଷା ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବ୍ରଜବିହାରୀ ପତି ଅତିଥି ପରିଚୟ ପ୍ରଦାନ ଓ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ଜେନା ବିବରଣୀ ପାଠ କରିଥିଲେ। ଶିକ୍ଷା ବିଭାଗ ପ୍ରାଧ୍ୟାପକ ଡ଼ଃ ଅନୁପ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୨୦୨୨-୨୩ ଶିକ୍ଷା ବର୍ଷରେ ଏହି ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଶ୍ରେଣୀ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନଂ ରଖିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ ପରିବେଷିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ସିମୁଳିଆ, ୨୭।୧(ସମିସ):** ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ କ୍ଷୀରକୋଣା ଗୋପପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ଷୀରକୋଣାଠାରେ ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମର ଅଧିକାରୀ ତଥା ଓଡିଆ ଅଧ୍ୟାପକ ପଦ୍ମ ଲୋଚନ ନାୟକ ମଞ୍ଚ ଆହ୍ୱାନ କରିବା ସହ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନରାୟାଣ ସାମଲ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତଶିକ୍ଷକ ଅନ୍ତର୍ଯ୍ୟାମୀ ପ୍ରଧାନ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଗୀତାଞ୍ଜଳୀ ପାଣିଗ୍ରାହୀ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବ୍ୟୋମକେଶ ବିଶ୍ୱାଳ, ପଫୁଲ୍ଲ ନାୟକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଜ୍ୟୋତି ରଞ୍ଜନ ଦାସ ଓ କର୍ମଚାରୀ ଭରତ ଚନ୍ଦ୍ର ପ୍ରଧାନ, ଅଚ୍ୟୁତାନନ୍ଦ ଦାସ, କମଳାକାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସ୍ମୃତିସଭା



**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୨୭।୧ (ସମିସ):** ପୂର୍ବତନ ବିଧାୟକ ସ୍ୱର୍ଗତ ଜୟ ନାରାୟଣ ମହାନ୍ତି ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଅନୁଷ୍ଠାନ ପ୍ରେମୀ। ଜଳେଶ୍ୱର ଓ ବାଲିଆପାଳ ଅଞ୍ଚଳରେ ବହୁ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ର ବିକାଶ କରିବା ସଙ୍ଗେ ସଙ୍ଗେ ନିଜର ଦୂରଦୃଷ୍ଟି ଓ କର୍ମଦକ୍ଷତା ବଳରେ ଦଳର କର୍ମୀ ମାନଙ୍କ ସହ ଭାବଗତ ଭାବେ ମିଶି ପାରିଥିଲେ। ଘାତ ପ୍ରତିଘାତ ପରାଜୟ ଓ ବିଜୟକୁ ନେଇ ତାଙ୍କର ସଂଘର୍ଷମୟ ଜୀବନ ଥିବା ବେଳେ ଅଞ୍ଚଳର ବିକାଶ ପାଇଁ ଅଙ୍ଗୀକାର ବଦ୍ଧ ଥିଲେ ବୋଲି ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ରାଜନୈତିକ ଦଳର ବିଶିଷ୍ଟ ନେତୃବୃନ୍ଦ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୂର୍ବତନ କାଉନସିଲର ସିଦ୍ଧେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ୨୬ତାରିଖ ଅପରାହ୍ନ ୪ ଟା ସମୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ସୋଇଥିଲା। ଏହି ସଭାରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳ, ସ୍ତମ୍ଭକାର ସୁଦର୍ଶନ ଦାସ, ତପନ କୁମାର ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନ, ବରିଷ୍ଠ ଆଇନଜୀବି ଚିନ୍ମୟ ଦାସ, ସତ୍ୟ ସୁନ୍ଦର ଦାସ, କୁଞ୍ଜ ବିହାରୀ ଦାସ, ରାମଚନ୍ଦ୍ର ଜେନା, ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ର, ମଧୁସୂଦନ ସେନାପତି, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି, ଅଶୋକ ଦାସ, ଅରୁଣ ପରିଡ଼ା, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ମୁକୁନ୍ଦ ରଞ୍ଜନ ଜେନା, କମଳ ଚକ୍ରବର୍ତ୍ତୀ, ସମୀର କୁମାର ପାତ୍ର, ବନମାଳୀ ଧଳ, ଲେଲିନ ପ୍ରଧାନ, ହେମନ୍ତ ଗିରି, ମାନସ ଦାସ ମହାପାତ୍ର, ମଧୁସୂଦନ ଦତ୍ତ, ସିଦ୍ଧାର୍ଥ ଶଙ୍କର ପାଲ, ଶ୍ରୀକୃଷ୍ଣ ଗୁପ୍ତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିଜିତ ପ୍ରଧାନ, ବିଶ୍ୱଜିତ୍ ଧଳ, ପ୍ରଣବ ପଣ୍ଡା, ମନୋଜ ସାସମଲ୍, ଦିବ୍ୟକାମ୍ ମହାନ୍ତି ପ୍ରମୁଖ ଓ ଜଳେଶ୍ୱର ଅଞ୍ଚଳର ବହୁ ଜୟନାରାୟଣ ପ୍ରେମୀ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

## ହାଟପଦା ନିଉ ଫ୍ରେଣ୍ଡସ କ୍ଲବର ବାର୍ଷିକ ଉତ୍ସବ

**ଜଳେଶ୍ୱର ବ୍ଲକ, ୨୭।୧ (ସମିସ) :** ଗୋବରଘାଟା ପଞ୍ଚାୟତ ହାଟପଦା ଠାରେ ନିଉ ଫ୍ରେଣ୍ଡସ କ୍ଲବ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ କ୍ଲବର ସଭାପତି ଉତ୍ତମ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏସଡିପିଓ ଦିଲ୍ଲୀପ ସାହୁ, ମୁଖ୍ୟ ବକ୍ତା ଭାବେ ମଧୁସୁଦନ ମହାନ୍ତି, ସମ୍ମାନିତ ଅତିଥି ରୂପେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ରାସ ଗୋବିନ୍ଦପୁର ଏବିଓ କନକ ମଞ୍ଜରୀ ମହାନ୍ତି, ପ୍ରଫେସର ରତ୍ନାକର ରାୟ ପ୍ରମୁଖ, ସଂଘ ଦ୍ୱାରା ଅସମ୍ଭବ କାର୍ଯ୍ୟ, ସହଜରେ ସମ୍ଭବ ହୋଇ ପାରିବ ବୋଲି ଭାଷଣ ରଖିଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ମଧ୍ୟରେ ଗ୍ରାମ ମୁଖ୍ୟ ଅନନ୍ତ ଘୋଷ, ଖଗେନ୍ଦ୍ର ରଣା, ଶିକ୍ଷକ ବିରେନ୍ଦ୍ର ମହାପାତ୍ର, ସରପଞ୍ଚ ମିନତି କର, ବ୍ଲକ ସଭ୍ୟ ନାଥୁରାମ ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବର ଦିବଂଗତ ସଦସ୍ୟ ଦେବୁ ବେହେରା, ଜୟଦେବ ରଣା, ପତନ ସିଂ, ସୁଜିତ୍ ପାଲଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ହୋଇଥିଲା। ଅଜିତ୍ ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅରୁଣ କୁମାର ପଣ୍ଡା ସ୍ୱାଗତ ସଙ୍ଗୀତ ଓ ମନ୍ତ୍ର ଧ୍ୱନି କରିଥିଲେ।

## ଶିକ୍ଷାବିତ୍ ଚିତ୍ତରଞ୍ଜନ ଦାସଙ୍କ ପରଲୋକ

**କମର୍ଦ୍ଦା, ୨୭।୧(ସମିସ):** ବିଶିଷ୍ଟ ଶିକ୍ଷାବିତ୍ ଚିତ୍ତରଞ୍ଜନ ଦାସଙ୍କ ୭୨ବର୍ଷ ବୟସରେ ପରଲୋକ ହୋଇଛି। ଭୋଗରାଇ ବ୍ଲକ କମର୍ଦ୍ଦା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି।ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଶ୍ରୀ ଦାସ ବାଲିମ ସ୍ଥିତ ଗୋପାଳକୃଷ୍ଣ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି କମର୍ଦ୍ଦା ସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସର ନେଇଥିଲେ। ଘନଶ୍ୟାମ ପଲ୍ଲୀ ଉନ୍ନୟନ କ୍ଲବ, ଶ୍ରଦ୍ଧା କ୍ରିଏଟିଭ୍ ଆର୍ଟସ୍ ର ପ୍ରତିଷ୍ଠାତା ଭାବେ ରହିଥିଲେ। ଜଗନ୍ନାଥ ସରକାରୀ ଉଚ୍ଚବିଦ୍ୟାଳୟର ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଭାବେ ରହି ସ୍କୁଲର ଉନ୍ନୟନ କାର୍ଯ୍ୟ ତୁଲାଉଥିଲେ। ମୃତ୍ୟୁ ଖବର ପାଇ ଭୋଗରାଇର ବିଭିନ୍ନ ଶିକ୍ଷକ ତଥା ବୁଦ୍ଧିଜୀବୀ ମହୋଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଦୁଇ ପୁଅ ଡା. ଲଲାଟେନ୍ଦୁ, ଲଳିଟେନ୍ଦୁ, ଏକମାତ୍ର ଝିଅ ଉପସ୍ଥିତ ରହିଥିଲେ। ନିଜ ଗାଁ ଶ୍ମଶାନରେ ବଡ଼ ପୁଅ ଲଲାଟେନ୍ଦୁ ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ମଥାନୀରେ ବିଜେଡିର ମିଶ୍ରଣ ପର୍ବ



**ରୂପସା, ୨୭ ।୧(ସମିସ);** ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ପୁଡାପୋଡା ଅଙ୍ଗନ ବାଡି ନିକଟ ପଡ଼ିଆରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ ରାଧାଶ୍ୟାମ ମହାଳିକ ସଭାପତିତ୍ୱ କରିଥିଲେ। ଏହି ମିଶ୍ରଣ ପର୍ବରେ ମୂଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୂଖୀ କାର୍ଯ୍ୟ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ମିଶ୍ରଣ ପର୍ବରେ ବିଭିନ୍ନ ଦଳଛାଡି ୫୦ରୁ ଉର୍ଦ୍ଧ ବିଜେଡି ଦଳରେ ସାମିଲ ହୋଇଥିଲେ। ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡାଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବସ୍ତାବ୍ଲକ ବିଜେଡି ସଭାପତି ଅନିଲକୁମାର ମହାନ୍ତି, ଯୁବ ବିଜେଡି ସଭାପତି ଅଞ୍ଜନ ଦଣପାଟ, ଜିଲ୍ଲାପରିଷଦ ସଦସ୍ୟା ଦେବୀକା ସୋରେନ, ମଥାନୀ ସରପଞ୍ଚ ମମତାରାଣୀ ସିଟଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା, ନେତୃବୃନ୍ଦ ଓ କର୍ମୀ ଯୋଗ ଦେଇଥିଲେ।

## ଦନ୍ତା ହାତୀକୁ ନେଇ ଆତଙ୍କିତ ପଞ୍ଚାୟତବାସୀ

**ଜଳେଶ୍ୱର, ୨୭।୧(ସମିସ):** ଜଳେଶ୍ୱର ସହର ଅନତି ଦୂରରେ ଅବସ୍ଥିତ ମହମ୍ମଦନଗର ପାଟଣା ପଞ୍ଚାୟତର ଚାଲନ୍ତି, ଚକ୍ରଡ଼ା, କୁବାଡ଼ିଆ ଇତ୍ୟାଦି ଗ୍ରାମରେ ଆଜକୁ କିଛି ଦିନ ଧରି ଏକ ଗୋଠଛଡ଼ା ଦନ୍ତାହାତୀକୁ ନେଇ ଆତଙ୍କ ଦେଖାଦେଇଛି। ସୁବର୍ଣ୍ଣରେଖା ନଦୀର ପଶ୍ଚିମ ପଟରେ ଅବସ୍ଥିତ ରାଇବଣିଆ ଜଂଗଲରୁ ନଦୀ ପାରି ହୋଇ ଆସିଥିବା ଏହି ଦନ୍ତା ହାତୀ ଲୋକଙ୍କ ଘରଦ୍ୱାର ଭାଂଗି କ୍ଷୟକ୍ଷତି କରିବାରେ ଲାଗିଛି।ସ୍ଥାନୀୟ ବନବିଭାଗ ଏଥିପ୍ରତି ସଜାଗ ରହିବାକୁ ସାଧାରଣରେ ଦାବି ହୋଇଛି। ଗତକାଲି ଶୁକ୍ରବାର ସଂଧ୍ୟା ସମୟରେ ଏହି ଦନ୍ତା ହାତୀ ଟି କୁବାଡ଼ିଆ ଅଞ୍ଚଳ ଚଳ ପ୍ରଚଳ କରୁଥିବାର ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଔପଦା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଔପଦା, ୨୭।୧(ସମିସ):**

ଔପଦା ବ୍ଲକ ସଦର ମହକୁମା ଔପଦା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ନିୟମିତ ଅଭ୍ୟାସ ରଖିଲେ ପ୍ରତି ବ୍ୟକ୍ତି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବେ ବୋଲି କହି ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ଉତ୍ତର ଓଡ଼ିଶାର ପ୍ରାକ୍ତନ ରେଜିଷ୍ଟ୍ରାର ଡ଼. ହରପ୍ରସାଦ ପଣ୍ଡା, ବିଡ଼ିଓ ଆଦିକନ୍ଦ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଥାନା ଅଧିକାରୀ ଶ୍ରବଣ ମହାରଣା, ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ରତ୍ନାକର ଦାସ ଓ ସିଆରସିସି ଯୁଗଳ କିଶୋର ରାଉତ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପକ୍ଷରୁ ଡ଼. ଶ୍ରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଦଶମ ଶ୍ରେଣୀ ପରୀକ୍ଷାରେ ଏୱାନ ସ୍ଥାନ ଅଧିକାର କରି ସଫଳତା ପାଇଥିବା ଛାତ୍ର ପାର୍ଥ ସାରଥୀ ନାୟକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।ବିଦ୍ୟାଳୟର ଶିକ୍ଷକ ଜୟନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ଏବଂ ସ୍କୁଲ ଶିକ୍ଷା ପରିଚାଳନା କମିଟିର ସଭ୍ୟାସଭ୍ୟ ମାନେ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବ୍ରିଜ୍ ତଳୁ ଯୁବକର ମୃତଦେହ ଉଦ୍ଧାର

**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୨୭।୧ (ସମିସ):** ୬୦ ନମ୍ବର ନମ୍ବର ଜାତୀୟ ରାଜପଥର ଜଳେଶ୍ୱର ଜମାଲପୁର ବାଇପାସ୍ ବ୍ରିଜ ତଳେ ପାଣିରେ ଭାସମାନ ଅବସ୍ଥାରେ ଜଣେ ଅଚିହ୍ନା ଲୋକର ମୃତ ଦେହକୁ ଜଳେଶ୍ୱର ପୁଲିସ ଉଦ୍ଧାର କରିଛି। ଶନିବାର ପୂର୍ବାହ୍ନ ୮ ଟା ସମୟରେ ରାଜପୁର ଗ୍ରାମର ଜୟଦେବ ବିଶ୍ୱାଳ ଉକ୍ତ ମୃତ ଦେହ ଭାସୁ ଥିବାର ଖବର ଜଳେଶ୍ୱର ଆଇଆଇସିଙ୍କୁ ଜଣାଇଥିଲେ। ପରେ ଏସଡିପିଓ ଦିଲ୍ଲୀପ ସାହୁ, ଆଇଆଇସି ରଞ୍ଜନ ସେଠି, ଏସଆଇ ଚିରଞ୍ଜିବ ରାଉତ, ମଧୁସ୍ମିତା ସିଂ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଜାତୀୟ ରାଜପଥର ରୋଡ ପେଟ୍ରୋଲିଙ୍ଗ ଅଫିସର ବିରଜା ଶଙ୍କର ପଟ୍ଟନାୟକ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମୃତକର ଆନୁମାନିକ ବୟସ ୪୦ ରୁ ୪୫ବର୍ଷ ହେବ ବୋଲି ପୁଲିସ ଅନୁମାନ କରିଛି।

## ଦଶମ ସିମୁଳିଆ ମହୋତ୍ସବ ପ୍ରସ୍ତୁତି ବୈଠକ

**ସିମୁଳିଆ, ୨୭।୧(ସମିସ):** ୧୦ମ ସିମୁଳିଆ ମହୋତ୍ସବର ସାମ୍ବାଦିକ ସମ୍ମିଳନୀ ମହୋତ୍ସବ କାର୍ଯ୍ୟାଳୟ ମାର୍କୋଣାଠାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ରାବଣ ପୋଡି ପଡ଼ିଆଠାରେ ୧୦ମ ସିମୁଳିଆ ମହୋତ୍ସବ ଅନୁଷ୍ଠିତ ହେବା ନିମନ୍ତେ କମିଟିର ସଭାପତି ଗୋକୁଳା ନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଆସନ୍ତା ୨୮, ୨୯, ୩୦ ଓ ୩୧ ତାରିଖ ୪ଦିନ ଧରି ସିମୁଳିଆ ମହୋତ୍ସବ-୨୦୨୪ ହେବାକୁ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିମୁଳିଆ ମହୋତ୍ସବ କମିଟିର ସମ୍ପାଦକ କମଳଶ୍ରୀ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ରାଧାକାନ୍ତ ମିଶ୍ର, ବିରେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଅମର ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ସୁଶାନ୍ତ ବେହେରା, ସଂଯୋଜକ ରଞ୍ଜନ ବେହେରା, ସହ-ସମ୍ପାଦକ ନରେନ୍ଦ୍ର କୁମାର ଅଗସ୍ତି, ସଦସ୍ୟ ତପନ ଦାସ, ନୃସିଂହ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପରାୟଣଙ୍କ ଦେହାନ୍ତରେ ଶୋକ

**ଜଳେଶ୍ୱର ବ୍ଲକ, ୨୭।୧ (ସମିସ) :** ରାୟାଁରାମଚନ୍ଦ୍ରପୁର ଗ୍ରାମର ଧର୍ମାମ୍ବଲମ୍ବୀ ବ୍ୟକ୍ତି ବ୍ରଜଗୋପାଳ ଦାସଙ୍କ ୭୩ବର୍ଷ ବୟସରେ ଗତ ଗୁରୁବାର ରାତ୍ରି ୩ ଟାରେ ହୃଦଘାତ ଜନିତ ଦେହାନ୍ତ ହୋଇ ଯାଇଛି। ସ୍ୱର୍ଗତ ଦାସ ହେଉଛନ୍ତି ଅଞ୍ଚଳର ଜମିଦାର ସ୍ୱର୍ଗତ ପ୍ରିୟନାଥ ଦାସଙ୍କ ଜ୍ୟେଷ୍ଠ ପୁତ୍ର ଓ ଜଳେଶ୍ୱର ର ଟାଣୁଆ ନେତା ସ୍ୱର୍ଗତ ଗୌର ଗୋପାଳ ଦାସଙ୍କ ବଡ଼ ଭ୍ରାତା। ସେ ଜଣେ ମିଷ୍ଟଭାଷୀ, ହୃଦୟସ୍ପର୍ଶୀ ସରଳ ନିଷ୍କପଟ ଓ ସମସ୍ତଙ୍କୁ ଭଲ ପାଉଥିବା ବ୍ୟକ୍ତି ଥାଇ ଅଞ୍ଚଳକୁ ପ୍ରଥମ ବ୍ୟକ୍ତି ଭାବେ ଇସ୍କନ ଧର୍ମ ଆଣିବା ସଙ୍ଗେ ସଙ୍ଗେ ଧର୍ମର ପ୍ରଚାରକ ମଧ୍ୟ ଥିଲେ। ମୃତ ଶରୀର ନିକଟରେ ଧର୍ମପତ୍ନୀ କଳ୍ପନା ଦାସ, ବଡ଼ ପୁଅ ରାଜ ଗୋପାଳ ଦାସ, ଝିଅ ନନ୍ଦିତା ଦାସ, ପୁତ୍ରବଧୂ ନାତି ନାତୁଣୀ ଉପସ୍ଥିତ ଥିବା ବେଳେ ମଧ୍ୟମ ଓ କନିଷ୍ଠ ପୁତ୍ର ଦେବ ଗୋପାଳ ଦାସ ଓ ଗୋବିନ୍ଦ ଗୋବିନ୍ଦ ଦାସ ମୃତ୍ୟୁ ଖବର ପାଇ ବିଦେଶରୁ ଆସୁଥିବା ଜଣା ପଡ଼ିଛି। ସ୍ୱର୍ଗତ ଦାସଙ୍କ ମୃତଶରୀର ଗ୍ରାମ ସୁବର୍ଣ୍ଣରେଖା ନଦୀ ତଟରେ ଦାହ କରିବା ସହିତ ବଡ଼ ପୁତ୍ର ରାଜ ଗୋପାଳ ଦାସ ଅଗ୍ନି ସଂଯୋଗ କରିଥିଲେ।

## ବିଜେପି ପଞ୍ଚାୟତ ସଭାପତିଙ୍କ ବିୟୋଗ

**ଜଳେଶ୍ୱର, ୨୭।୧(ସମିସ):** ଜଳେଶ୍ୱର ବ୍ଲକ ଖୁଲୁଡ଼ା ପଞ୍ଚାୟତର ବିଜେପି ସଭାପତି ହରେନ୍ଦ୍ର ନାଥ ବେହେରା(୭୦)ଙ୍କ ଗତକାଲି ରାତ୍ରି ସମୟରେ ଅକସ୍ମାତ୍ ବିୟୋଗ ଘଟିଛି। ଯାହାକୁ ନେଇ ସମ୍ପୃକ୍ତ ପଞ୍ଚାୟତ ଅଞ୍ଚଳରେ ତଥା ବିଜେପି ସଂଗଠନରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମେଦିନୀପୁର ଗ୍ରାମସ୍ଥିତ ବାସଭବନରେ ବିଜେପି ଯୁବନେତା ଦିବ୍ୟକାମ ମହାନ୍ତି, ମନୋଜ ସାସମଲ, ପ୍ରଣବ ପଣ୍ଡା, ପ୍ରତାପ ସେନାପତି, ଭୁପତି ବେହେରା, ନାଥୁରାମ ଅଣ୍ଡିଆ, ସତ୍ୟସୁନ୍ଦର ବେହେରା, ବିଦ୍ୟାଧର ବେହେରା, ରବୀନ୍ଦ୍ର ବେରା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଭୁପତି ଚରଣ ମିର୍ଦ୍ଧା ପ୍ରମୁଖ ନେତୃବୃନ୍ଦ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## କେନ୍ଦୁଝର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# 'ସମୃଦ୍ଧ ଭାରତ ଓ ସମୃଦ୍ଧ ଓଡ଼ିଶା ଆମର ସ୍ୱପ୍ନ ଓ ସଂକଳ୍ପ ହେଉ'

**କେନ୍ଦୁଝର,୨୭।୧(ସମିସ)**

କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଉଦ୍‌ବୋଧନ ଛଳରେ ମନ୍ତ୍ରୀ ଶ୍ରୀ ନାୟକ ସମୃଦ୍ଧ ଭାରତ ଓ ସମୃଦ୍ଧ ଓଡ଼ିଶା ଆମର ସ୍ୱପ୍ନ ଓ ସଂକଳ୍ପ ହେଉ ବୋଲି ଆହ୍ୱାନ ଜଣାଇଥିଲେ। ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ କରିଥିବା ଏବଂ ବଳିଦାନ ଦେଇଥିବା ସଂଗ୍ରାମୀ ଓ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଓ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଜଣାଇଥିଲେ। କେନ୍ଦୁଝର ଜିଲ୍ଲାକୁ ବୀର ମାଟି ଭାବେ ଅଭିହିତ କରି ସ୍ୱାଧୀନତା ସଂଗ୍ରାମ କାଳରେ ସଂଗ୍ରାମୀମାନଙ୍କର ଉଚ୍ଚ ଆଦର୍ଶ ଆମ ପାଇଁ ପ୍ରେରଣା ସାଜିଛି ବୋଲି କହିଥିଲେ। ସମସ୍ତେ ମିଳିମିଶି କେନ୍ଦୁଝର ଜିଲ୍ଲା ତଥା ଓଡିଶାର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଏକ ସମୃଦ୍ଧ ଭାରତ ଗଠନ କରିବା ପାଇଁ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ନାୟକ ଆହ୍ୱାନ ଜଣାଇଥିଲେ। ପ୍ୟାରେଡ୍‌ରେ ୫୦ଟି ଦଳ ଅଂଶଗ୍ରହଣ କରିଥିଲେ ଏବଂ ମୁଖ୍ୟ ଅତିଥି ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪ଟି ବିଭାଗ ତରଫରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇଥିଲା ଏବଂ ୪ଟି ଶିକ୍ଷାନୁଷ୍ଠାନ ତରଫରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିତ୍ତାକର୍ଷକ ପରେଡ୍ ପାଇଁ ଶ୍ରେଷ୍ଠ ଦଳ ଭାବେ ଏନ୍‌ସିସି/ସ୍କାଉଟ୍/



ଗାଇଡ୍/ ରେଡ୍‌କ୍ରସ୍ ବାଳିକା ବର୍ଗରେ ସିନିୟର ଡିଭିଜନ୍ ଏନ୍‌ସିସି ଧରଣୀଧର ମହାବିଦ୍ୟାଳୟ କେନ୍ଦୁଝର, ଶ୍ରେଷ୍ଠ ବାଳକ ଦଳ ଭାବେ ଏନ୍‌ସିସି କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦୁଝର, ସିଭିଲିଆନ୍ ସିନିୟର୍ ବର୍ଗରେ ଶ୍ରେଷ୍ଠ ବାଳକ ଦଳ ଭାବେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ କେନ୍ଦୁଝର, ଶ୍ରେଷ୍ଠ ବାଳିକା ଦଳ ଭାବେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କେନ୍ଦୁଝର ଏବଂ ସିଭିଲିଆନ୍ ଜୁନିୟର ବର୍ଗର ଶ୍ରେଷ୍ଠ ବାଳକ ଦଳଭାବେ ଡିଏନ୍ ହାଇସ୍କୁଲ କେନ୍ଦୁଝର ଓ ଶ୍ରେଷ୍ଠ ବାଳିକା ଦଳଭାବେ ଡିଏଭି ପବ୍ଲିକ୍ ସ୍କୁଲ କେନ୍ଦୁଝରକୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରିଥିଲେ। ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କ୍ଷେତ୍ରରେ ପ୍ରଥମ ସ୍ଥାନ ହାସଲ କରିଥିବା ରେଶମ ବିଭାଗ କେନ୍ଦୁଝର, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ମିଲେଟ୍ ମିଶନ କେନ୍ଦୁଝର ଓ ତୃତୀୟ ସ୍ଥାନ ହାସଲ କରିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା। ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡିଏଭି ପବ୍ଲିକ୍ ସ୍କୁଲ କେନ୍ଦୁଝର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝର, କିଡ୍ସ ପବ୍ଲିକ୍ ସ୍କୁଲ୍ କେନ୍ଦୁଝର ଏବଂ ରବିନ୍ଦ୍ର ବିଦ୍ୟାନିକେତନ କେନ୍ଦୁଝର ଦଳକୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାପାଳ ଆଶିଷ ଠାକ୍‌ରେ ଏବଂ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଉପସ୍ଥିତ ରହି ତତ୍ତ୍ୱାବଧାନ କରିଥିଲେ। ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଞ୍ଜୀବ ବାରିକ ସମାରୋହର ଧାରାବିବରଣୀ ପ୍ରଦାନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆର୍‌ଆଇଅଫ୍ ପୁଲିସ୍ ମାନସ କୁମାର ବେହେରା ସମ୍ମିଳିତ ପରେଡ୍ ପରିଚାଳନା କରିଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଡିଏଫ୍‌ଓ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ପ୍ରକଳ୍ପ ନିର୍ଦ୍ଦେଶକ ସହରାଞ୍ଚଳ ଉନ୍ନୟନ ସଂସ୍ଥା ଘାସିନାଥ ମୁର୍ମୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ କୁମାର ନାୟକ, କେନ୍ଦୁଝର ଉପ-ଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ପିଏ ଆଇଟିଡିଏ ତପନ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଏବଂ ଟାଉନଥାନା ନିରୀକ୍ଷକ ରମାକାନ୍ତ ସାଏଙ୍କ ନେତୃତ୍ୱରେ ଆରକ୍ଷୀ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କାର୍ଯ୍ୟ ସମ୍ପାଦିତ କରିଥିଲେ। ପରେଡ୍ କାର୍ଯ୍ୟକ୍ରମ ପରେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ନାୟକ ବଣିଆପାଟ୍‌ଠାରେ କର୍ମଜୀବୀ ମହିଳା ହଷ୍ଟେଲକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଅଗ୍ରଣୀ କୃଷକ ଭାବେ କେନ୍ଦୁଝର ଉପଖଣ୍ଡର କ୍ୟୋତିର୍ମୟୀ ମହାନ୍ତ, ଚମ୍ପୁଆ ଉପଖଣ୍ଡର ଜଣ୍ଡକ ମୁଣ୍ଡା, ଆନନ୍ଦପୁର ଉପଖଣ୍ଡର ନିର୍ମଳ କୁମାର ରାଉତ, ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ସୁଶ୍ରୀ ଝିଲ୍ଲି ବିରୁଆ, ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଉଶୁ କ୍ରୀଡାବିତ୍ ରମେଶ ମୁଣ୍ଡା, ଶ୍ରେଷ୍ଠ ମହିଳା ଫୁଟବଲ ଖେଳାଳି ଭାବେ ସୁଶ୍ରୀ ରୁପଶ୍ରୀ ମୁଣ୍ଡା, ଆଦର୍ଶ ଆଶାକର୍ମୀ ଭାବେ ବିମଳା ମୁଣ୍ଡା, ଅଗ୍ରଣୀ ମାଣ୍ଡିଆ ଚାଷୀ ଭାବେ ଲତିକା ମଞ୍ଜରୀ ନାୟକ, ଶ୍ରେଷ୍ଠ ବ୍ଲକ ଭାବେ ଯୋଡ଼ା ବ୍ଲକ୍, ଶ୍ରେଷ୍ଠ ତହସିଲ ଭାବେ ବଡବିଲ୍ ତହସିଲ, ଶ୍ରେଷ୍ଠ ଥାନା ଭାବେ ହରିଚନ୍ଦନପୁର ଥାନା ଏବଂ ଖଡଗପୁର ଆଇଆଇଟିରେ ସମସ୍ତ ୨୨ଟି ବ୍ରାଞ୍ଚର ଟପ୍ପର ହୋଇଥିବା ଡୁଆଲ୍ ଡିଗ୍ରୀ କୋର୍ସର କମ୍ପ୍ୟୁଟର ସାଇନସ୍ ଇଞ୍ଜିନିୟରିଂ ଛାତ୍ର ସୋମନାଥ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କେନ୍ଦୁଝର ଜିଲ୍ଲା ପ୍ରେସ୍ କ୍ଲବ୍‌ରେ ଗଣତନ୍ତ୍ର ଦିବସ



**କେନ୍ଦୁଝର,୨୭।୧(ସମିସ):** କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ସାମ୍ବାଦିକ କାର୍ଯ୍ୟାଳୟରେ ଜିଲ୍ଲା ପ୍ରେସ୍‌କ୍ଲବ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରେସକ୍ଲବର ସମ୍ପାଦକ ଶରତ ଚନ୍ଦ୍ର ଦାସ ପତାକା ଉତ୍ତୋଳନ କରି ଦେଶ ମାତୃକା ପାଇଁ ନିଜର ସର୍ବସ୍ୱ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେପକାଇବା ସହିତ ସାଧାରଣତନ୍ତ୍ର ଦିବସ ପାଳନର ମହାତ୍ମ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ପତାକା ଉତ୍ତୋଳନ ସମୟରେ ପ୍ରେସକ୍ଲବର ଉପସଭାପତି ରାଜେନ୍ଦ୍ର ମହାକୁଡ, ବରିଷ୍ଠ ସାମ୍ବାଦିକ ବିନୟଭୂଷଣ ପଟ୍ଟନାୟକ, ପ୍ରଣୟ କୁମାର ପାଣି, କ୍ଷେତ୍ରବାସୀ ମହାକୁଡ, ଜିତେନ୍ଦ୍ର ପଟ୍ଟନାୟକ, ରଞ୍ଜନ କୁମାର ତ୍ରିପାଠୀ, ଅଭୟ କୁମାର ମହାନ୍ତୀ, ଅରୁଣ କୁମାର ମହାନ୍ତ, ବିଶ୍ୱନାଥ ସାହୁ, ରଣଜିତ ବେହେରା, ମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏସ୍‌ଡବ୍ଲୁ ଷ୍ଟିଲ୍ ପକ୍ଷରୁ ଗଣତନ୍ତ୍ର ଦିବସ




**କେନ୍ଦୁଝର,୨୭।୧(ସମିସ):** ଜେଏସ୍‌ଡବ୍ଲୁ ଷ୍ଟିଲ ପକ୍ଷରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ୭୫ତମ ଗଣତନ୍ତ୍ରଦିବସ ପାଳନ କରିଛି। ଜେଏସ୍‌ଡବ୍ଲୁର ଜଜାଙ୍ଗ ଗେଷ୍ଟ ହାଉସ, ଭଦ୍ରସାହି ଅଫିସ, ନୂଆଗାଁ ସ୍ଥିତ ମାଇନ୍ସ, ନାରାୟଣପଶି ମାଇନ୍ସ, ଗଣୁଆ ମାଇନ୍ସ ପ୍ରଭୃତି ସ୍ଥାନରେ ପତାକା ଉତ୍ତୋଳନ ହୋଇଥିଲା। ଜେଏସ୍‌ଡବ୍ଲୁର ଆଭ୍ୟନ୍ତରିନ ଅଡିଟ ଏବଂ ରିକ୍ସ ମ୍ୟାନେଜମେଣ୍ଟ ମୁଖ୍ୟ ହରେଶ ଦୁଆ ଜଜାଙ୍ଗ ଗେଷ୍ଟ ହାଉସ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସେଠାରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ଉପସ୍ଥିତରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜଜାଙ୍ଗ ଉତ୍ସବରେ ପରେ ସାଂସ୍କୃତିକ ସନ୍ଧ୍ୟା କର୍ମଚାରୀମାନଙ୍କ ଦ୍ୱାରା ପ୍ରଦର୍ଶିତହୋଇଥିଲା। ଜାତୀୟ ବୀର ମାନଙ୍କ ଉପରେ କ୍ଷୁଦ୍ର ଦେଶଭକ୍ତି ନାଟକ ଏବଂ ସୌନ୍ୟବାହିନୀ ରେ ମହିଳାଙ୍କ ଅବଦାନ ପ୍ରଦର୍ଶନ ଉପସ୍ଥିତ ଲୋକଙ୍କୁ ଉତ୍ସାହିତ କରିଥିଲା। ସେଠାରେ ଏକ କୁଇଜ ପ୍ରତିଯୋଗିତା ମଧ୍ୟ ଦର୍ଶକଙ୍କ ପାଇଁ ଆୟୋଜିତହୋଇଥିଲା। କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସୁରକ୍ଷା ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ଆଦର୍ଶସେବା ନିମନ୍ତେ ସମ୍ମାନିତ କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।

# ପୁରପଲ୍ଲୀରେ ଫର୍‌ଫର୍ ହୋଇ ଉଡ଼ିଲା ତ୍ରିରଙ୍ଗା











**ଆନନ୍ଦପୁର,୨୭।୧(ସମିସ):** ଆନନ୍ଦପୁର ଷ୍ଟାଡିୟମ ପଡିଆଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବେନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜାତି ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଥିଲେ। ଏହି ଉତ୍ସବରେ ସହକାରୀ ଜିଲ୍ଲାପାଳ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ତହସିଲଦାର ସଂଗ୍ରାମ କେଶରୀ ଭଲ, ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ସୁପରିଟେଣ୍ଡ ଧନେଶ୍ୱର ସେଠୀ, ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି, ଅତୁଳ୍ୟ କୁମାର ବଳଙ୍କ ସମେତ ଅନେକ ସରକାରୀ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସୁଆଁପଦାସ୍ଥିତ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ସୁଶ୍ରୀ ଅଭିଲିପ୍ସା ତ୍ରିପାଠୀ, ଆନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ କଳ୍ପନା ରାଉତ, ଆଶାକର୍ମୀ ସଂଗୀତା ପାଢୀ, ସର୍ବାଧିକ ରକ୍ତଦାନ କରିତିବା ବାରିଗାଁର ମଙ୍ଗୁଳି ଚରଣ ସାହୁ, ପରିବେଶ ସୁରକ୍ଷା କ୍ଷେତ୍ରରେ ଜନାର୍ଦ୍ଦନପୁର ପ୍ରାଥମିକ ବିଦ୍ୟାଳୟକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ବିଜୟ କୁମାର ସାହୁ ଧାରା ବିବରଣୀ କରିଥିଲେ। ପରେ ଆନନ୍ଦପୁର କାରାଗାରରେ ବିଚାରଧୀନ ବନ୍ଦି ଓ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ନାରାୟଣ ଦାଶ ଓ ଚନ୍ଦ୍ର ଶେଖର ଦଳେଇ ସହଯୋଗ କରିଥିଲେ।

**ଆନନ୍ଦପୁର:** ବାବା ସାହେବ ଆମ୍ବେଦକର ସେବାସଂଘ ଆନନ୍ଦପୁର, ବାଇଲୋ ତରଫରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଏହି ଅବସରରେ ସେବାସଂଘର ଉପସଭାପତି ପ୍ରାଣନାଥ ଜେନା ପତାକା ଉତ୍ତୋଳନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଚତୁର୍ଭୁଜ ଜେନା ଉପସ୍ଥିତ ବାଇଲୋ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ସେବାସଂଘର ସମସ୍ତ କର୍ମକର୍ତ୍ତା ସହିତ ସାଧାରଣ ସଭ୍ୟ/ ସଭ୍ୟାମାନଙ୍କୁ ସାଧାରଣତନ୍ତ୍ର ଦିବସ ପାଳନର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ଉପଦେଷ୍ଟା ବିଦେଶୀ ଚରଣ ଜେନା, ନାରାୟଣ ଜେନା, ଦାମୋଦର ଜେନା ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ ସମ୍ପାଦକ କଳାକାର ଜେନା ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ଆୟୋଜନ କରିଥିବା ବେଳେ ଉପସଭାପତି ଶ୍ରୀକାନ୍ତ ଜେନା, କୋଷାଧ୍ୟକ୍ଷ ଅମୂଲ୍ୟ ରଞ୍ଜନ ଜେନା, ଉପଦେଷ୍ଟା ଅଭିମନ୍ୟୁ ଜେନା, ରାମଚନ୍ଦ୍ର ଜେନା, ନାରାୟଣ ଜେନା, ପ୍ରମୋଦ ଜେନା, ଦଶରଥ ଜେନା, ରଞ୍ଜନ ଜେନା ପ୍ରମୁଖ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହି ଉତ୍ସବ ପାଳନରେ ସହଯୋଗ କରିଥିଲେ।

**ଘସିପୁରା:** ଗଣତନ୍ତ୍ର ଦିବସ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି। ରାମଚନ୍ଦ୍ରପୁର ଥାନା ପରିସରରେ ଥାନାଧିକାରୀ ବିଜୟ କୁମାର ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ପ୍ରଦୀପ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଗ୍ରାମରୋଜଗାର ସେବକ ବସନ୍ତ କୁମାର ମାଝୀ, ବିଏଏଫ୍‌ଟି ଭାଗୀରଥି ନାୟକ ସହିତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ଠାରେ କନିଷ୍ଠ ଯନ୍ତ୍ରୀ ରାଜେଶ ପୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାଇଁକୁଳ ସ୍ଥିତ ପତିତପାବନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳ, ଶରତ କୁମାର ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ।






ଏନସିସି ଅଧିକାରୀ କମାଣ୍ଡାଣ୍ଟ ଜୟଦେବ ଦାସ, ଏନଏସ୍ ଏସ୍ ଅଧିକାରୀ ଡ. ନରେନ୍ଦ୍ରକୁମାର ସାହୁ, କ୍ରୀଡ଼ା ଶିକ୍ଷକ ତପନକୁମାର ପଣ୍ଡା ପ୍ରମୁଖ ପରେଡ ପରିଚାଳନାରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରୀ ଅଲତି ପଞ୍ଚାୟତରେ ଯୁବ ସରପଞ୍ଚ ଇଂ. ପ୍ରିୟବ୍ରତ ବରାଳ, ପୁରୁଣାବାନ୍ଧଗୋଡାରେ ସରପଞ୍ଚ ସୁଧାରାଣୀ ଧୀର, ଗଁପୁରରେ ରୀନା ଜେନା, ଗଡବାନ୍ଧଗୋଡ଼ାରେ ଶଶିକାନ୍ତ ଜେନା, ତରୁଆଁରେ ରଶ୍ମୀରଞ୍ଜିତା ବେହେରା, ଶାଳଦେଇରେ ରୀତାଞ୍ଜଳି ବୋଇତେଇ ଏବଂ ଆନନ୍ଦପୁର ପ୍ରେସ କ୍ଲବରେ ସଭାପତି ନାରାୟଣ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିବା ସୂଚନା ମିଳିଛି।

**ତୁରୁମୁଙ୍ଗା/ପାଟଣା:** କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ମିନିଷ୍ଟାଡିୟମ୍ ଠାରେ ବ୍ଲକସ୍ତରୀୟ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଜଗନ୍ନାଥ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତୀ ନାଏକ, ବିଡିଓ ଶିବଶଙ୍କର ମୁର୍ମୁ, ଏବିଡିଓ ଚିତ୍ତରଞ୍ଜନ ନାୟକ ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାତ, ବଡ଼ପାଟଣା ସରପଞ୍ଚ ବିନତି ବାନାରା ପ୍ରମୁଖ ଯୋଗଦେଇଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଧାୟକ ଜଗନ୍ନାଥ ନାଏକ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ସେହିପରି ତୁରୁମୁଙ୍ଗାରେ ବଜାର କମିଟି ସମେତ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନରେ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ତୁରୁମୁଙ୍ଗା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ସିଡି ମୋନାଲିସା, ତୁରୁମୁଙ୍ଗା ମହାବିଦ୍ୟାଳୟରେ ଅଧ୍ୟାପକ ତ୍ରିନାଥ ମହାନ୍ତ, ତୁରୁମୁଙ୍ଗା ଥାନାରେ ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଇଂ. ଭାଗବତ ପ୍ରସାଦ ସାହୁ, ସେଣ୍ଟ ଜାଭିୟର ବିଦ୍ୟାଳୟରେ ସୁଧାଂଶୁ ଶେଖର ସାହୁ, ହାଇସ୍କୁଲ ପଡିଆରେ ବଜାର କମିଟି ପକ୍ଷରୁ ପାଳନ କରାଯାଇଥିବ ଗଣତନ୍ତ୍ର ଦିବସ ରେ ଆର୍ତ୍ତତ୍ରାଣ ମିଶ୍ର ପତାକା ଉତ୍ତୋଳନ କରିଥିଲେ।

**ହାଟଡ଼ିହୀ/ସୋସୋ:** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହାଟଡ଼ିହୀ ବ୍ଲକର ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସମ୍ମାନୀତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରି ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସାଂସଦ ପ୍ରତିନିଧି ନନ୍ଦଚରଣ ଜେନା, ଜିଲ୍ଲା ପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସୁକାନ୍ତି ଜେନା ପ୍ରମୁଖ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶେଲ କିସ୍କୁଙ୍କ ଦ୍ୱାରା ପତାକା ଉତ୍ତୋଳନ ହୋଇଥିଲା। ଏଥିରେ ବନପାଳ କେଦାର ପାତ୍ର, ବନରକ୍ଷୀ ଅମରେନ୍ଦ୍ର ନାଥ, ଓମ୍ବାଡ଼ିସି ପ୍ରକଳ୍ପର ଦଳନେତା ବିଜୟ କୁମାର ସାହା, ଡିଓ ବିବେକାନନ୍ଦ ପଣ୍ଡା ଓ ସବୁଜ ବାହିନୀ କର୍ମଚାରୀମାନେ ସାମିଲ ହୋଇଥିଲେ। ସୋସୋ ଥାନାରେ ଥାନାଧିକାରୀ ବିଜୟ ବିହାରୀ ଓ ନନ୍ଦିପଦା ଥାନାରେ ଥାନାଧିକାରୀ ରବିନ୍ଦ୍ର କୁମାର ପାତ୍ର, ଅବକାରୀ ଥାନାରେ ଅବକାରୀ ଇନଚାର୍ଜ ସ୍ମିତା ବେହେରା, ହାଟଡ଼ିହୀ ଅଗ୍ନିଶମ କାର୍ଯ୍ୟାଳୟର ମୁଖ୍ୟ ଆଗ୍ନିକ ମଦନମୋହନ ବେହେରା ପ୍ରମୁଖ କାର୍ଯ୍ୟାଳୟ ମାନଙ୍କରେ ସାଧାରଣତନ୍ତ୍ର ଦିବସରେ ଜାତୀୟ ପତାକା ଉତ୍ତୋଳନ କରିଥିଲା ବେଳେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ହାଟଡ଼ିହୀ ଉପକୋଷାଗାର ଅଧିକାରୀ ସାଧାରଣତନ୍ତ୍ର ଦିବସରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚଣ୍ଡିଆବିରଞ୍ଚିପୁର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ସଭାପତି ଉଦୟନାଥ କରଙ୍କ ସଂଯୋଜନାରେ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ନରେନ୍ଦ୍ରନାଥ କର, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ସୁଆର, ବିଦ୍ୟାଳୟ ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ଓ କ୍ରୀଡ଼ା ଶିକ୍ଷକ ମହେନ୍ଦ୍ର କୁମାର ପଲତା ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ବଡଲା ସ୍ଥିତ ଓଏମ୍‌ସି କାର୍ଯ୍ୟାଳୟରେ ମୁଖ୍ୟ ପରିଚାଳକ ସୁଶାନ୍ତ କୁମାର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲା ବେଳେ ମାଇନ୍ସର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ସୋସୋ ଠାରେ ବିବେକାନନ୍ଦ ୟୁଥ୍ କ୍ଲବ୍ ପକ୍ଷରୁ ଜୁମ୍ମା ଖାନ୍ ଜାତୀୟ ପତାକା ଉତ୍ତୋଳନ କରିବ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିନ କରିଥିଲେ। ଏହିପରି ହାଟଡ଼ିହୀ ସ୍ଥିତ ଆନନ୍ଦପୁର ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ବରିଷ୍ଠ ନେତା ଆଲୋକ ସେଠୀଙ୍କ ସଂଯୋଜନା ଏବଂ ସମସ୍ତ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହିପରି ୩୧ଗୋଟି ପଞ୍ଚାୟତ କାର୍ଯ୍ୟାଳୟ, ସମସ୍ତ ସରକାରୀ-ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସହିତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ହୋଇଥିବା ପରିଲକ୍ଷିତ ହୋଇଥିଲା।

**ବଡ଼ବିଲ:** ବଡ଼ବିଲ ପୌରାଞ୍ଚଳ ତଥା ଏହାର ଆଖପାଖ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ଧୁମ ଧାମରେ ପାଳିତ ହୋଇଯାଇଛ। ନୀଳାଦ୍ରିରେ ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ରାଜକିଶୋର ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ସଭାପତି ଶାନ୍ତନୁ ଦାସ, ସଦସ୍ୟ ବଳରାମ ମହାନ୍ତି, କବିନ୍ଦ୍ର ରଥ, ଦେବପ୍ରିୟରଣା, ଦେବକାନ୍ତ ଦାସ, ଶିଶିର ମହାନ୍ତି, ରାଜେନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନିଅ ବିକାଶ ମହଲ ଖେଳ ପଡିଆରେ ଜାତୀୟ ଦିବସ ପାଳନ ସମିତି ବଡ଼ବିଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରରେ ବଡ଼ବିଲ ପୌରାଧକ୍ଷ ଲଛମନ ମହାନ୍ତ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଧାନ କରାଯାଇଥିଲା। ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ଦ୍ୱାରା ପରିଚାଳିତ ଆଦିବାସୀ ବିକାଶ ସମିତିରେ ତୁଳସୀ ଆପ୍ପା, ସେରେଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସୁସ୍ମିତା ସିଧୁ, ଭଦ୍ରାସାହି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରମିଳା ନାୟକ ଓ ବଡ଼ବିଲ ପ୍ରେସ୍ କ୍ଲବ ପରିସରରେ ସମ୍ପାଦକ ମଧୁସୂଦନ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଚମ୍ପୁଆ:** ଚମ୍ପୁଆ ନେହେରୁ ଷ୍ଟାଡିୟମ ଠାରେ ଉପଖଣ୍ଡ ସ୍ଥରିୟ ୭୫ ତମ ସାଧାରଣତନ୍ତ୍ର ଦିବସ ମହା ଆଡମ୍ବର ସହିତ ପାଳିତ ହୋଇଯାଇଛି। ଉପଖଣ୍ଡ ସ୍ତରୀୟ ଜାତିୟପତାକା ଉତ୍ତୋଳନ ସକାଳ ୯ ଘଟିକାରେ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀ ଯୋଗଦେଇ ଜାତିୟପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ ପରିଦର୍ଶନ କରିବା ପରେ ଦେଶ ତଥା ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଦେଶାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ପରେଡ ପରିଦର୍ଶନରେ ସଫଳ ଦଳ ଏବଂ ପୂର୍ବର ସୂଚନା ଲୋକସଂମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗିଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନରେ ଉପଜିଲ୍ଲାପାଳ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଉପଜଲ୍ଲାପାଳ ଏକାଦଶ ନାଗରିକ ଏକାଦଶକୁ ହରାଇ ଚାମ୍ପିଅନ ହୋଇଥିଲେ।

**ବାଲିବନ୍ଧ:** ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଠାରେ ବ୍ଲକସ୍ତରୀୟ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ହୃଦାନନ୍ଦ ଅଡ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ଝୁମ୍ପୁରା ତହସିଲଦାର ରୋହିତ ବାଗ, ଝୁମ୍ପୁରା ଥାନା ଅଧିକାରୀ ସମବାରୀ ହାଁସଦାଃ, ଝୁମ୍ପୁରା ଅଗ୍ନିଶମ କେନ୍ଦ୍ର ଓଆଇସି ଆଶିଷ କୁମାର ସାହୁ, ଝୁମ୍ପୁରା ଅବକାରୀ ଥାନା ଅଧିକାରୀ ମାନସରଂଜନ ସାମତରା, ଝୁମ୍ପୁରା ଥାନା ଏସ୍‌ଆଇ ସନାତନ ମହାନ୍ତ, ଅବସରପ୍ରାପ୍ତ ସରଜେଂଟ ସିନିୟର ନନ କମିଶନ ଅଧିକାରୀ ବେଣୁଧର ପାତ୍ର, ଜିଲ୍ଲାପରିଷଦ ସଭ୍ୟା ସୋମବାରୀ ମୁର୍ମୁ, ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆ, ସମିତିସଭ୍ୟ କୁଞ୍ଜବିହାରୀ ନାଏକ, ନାଏବ ସରପଞ୍ଚ ଶିବାନୀ ବେହେରା, ଡା. କ୍ଷୀରୋଦ କୁମାର ମହାନ୍ତ, ବୈଷୟିକ ପରାମର୍ଶଦାତା ପ୍ରଦୀପ କୁମାର ପଟ୍ଟନାୟ, ମୁସ୍‌ଲିମ ସମାଜର ସଦର ମହମ୍ମଦ ହାଫିଜୁର ରହମାନ , ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶୁଭଦର୍ଶୀ କର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆୟୋଜିତ ପରେଡ୍ ପ୍ରତିଯୋଗିତାରେ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଦୁଇଟି ବର୍ଗରେ ୧୫ଟି ଟ୍ରୁପ୍ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଜୁନିୟର ଗ୍ରୁପ୍‌ରେ ଝୁମ୍ପୁରା ସରସ୍ୱତୀ ଶିଶୁମନ୍ଦିର ପ୍ରଥମ, କେରଳା ଇଂରାଜୀ ମଧ୍ୟମ ସ୍କୁଲ ଦ୍ୱିତୀୟ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ଗ୍ରୁପ୍‌ରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ, କେରଳା ଇଂରାଜୀ ମଧ୍ୟମ ସ୍କୁଲ ଦ୍ୱିତୀୟ ଏବଂ ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନୁଷ୍ଠିତ ପ୍ରଜ୍ଞାପନ ମେଢ (ଝାଙ୍କି) ପ୍ରତିଯୋଗିତାରେ କେରଳା ଇଂରାଜୀ ମଧ୍ୟମ ସ୍କୁଲ ପ୍ରଥମ ଏବଂ ଝୁମ୍ପୁରା ସରକାରୀ ନୋଡାଲ ୟୁପି ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ନୃତ୍ୟ ପରିବେଷଣ ପ୍ରତିଯୋଗିତାରେ ୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କେରଳା ଇଂରାଜୀ ମଧ୍ୟମ ସ୍କୁଲ ପ୍ରଥମ, ଝୁମ୍ପୁରା ୟୁଜିୟୁପି ମକ୍ତବ ଦ୍ୱିତୀୟ ଏବଂ ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭାଲୁକା ୟୁପି ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତିତ୍ୱଲାଭ କରିଥିବା ଟ୍ରୁପ୍ ଗୁଡିକୁ ଅତିଥିମାନଙ୍କ ଦ୍ୱାର ଟ୍ରଫି ପ୍ରଦାନ କରାଯାଇ ଉତ୍ସାହିତ କରିବା ସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅନ୍ୟ ସମସ୍ତ ଟ୍ରୁପ୍ ଗୁଡିକୁ ଶାନ୍ତ୍ୱନାମୂଳ ପୁରସ୍କାର ପ୍ରଦାନ କରଯାଇଥିଲା। ପରେ ପରେ ଉପସ୍ଥିତ ଜନସାଧାରଣ ତଥା ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ପୁଲିସ ପ୍ରଶାସନ, ଅଗ୍ନିଶମ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ, ବ୍ଲକ ଓ ତହସିଲ ପ୍ରଶାସନ ତଥା ବିଭିନ୍ନ ଯୁବକ ସଂଘର ସଦସ୍ୟ ଏବଂ କମିଟି ସଦସ୍ୟମାନେ ପୁର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

**ତେଲକୋଇ:** କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରେ ୭୫ତମ ସାଧାରଣ ତନ୍ତ୍ର ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇ ଯାଇଛି। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, କେନ୍ଦ୍ର ସମବାୟ ବ୍ୟାଙ୍କ, ପ୍ରେସ କ୍ଲବ୍ ଓ ପୁରପଲ୍ଲୀର ଥିବା ଯୁବକ ସଂଘ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି। ବିଭାଗୀୟ କାର୍ଯ୍ୟାଳୟଗୁଡିକରେ ବିଭାଗୀୟ ଅଧିକାରୀ ମାନେ ପତାକା ଉତ୍ତୋଳନ କରିଥିବା ବେଳେ ତେଲକୋଇ ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାକ୍ତର ପି.ସତ୍ୟମ୍ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପ୍ରେସ କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍ ସଭାପତି ଚିନ୍ମୟ କୁମାର ସାହୁ, ସମ୍ପାଦକ ବିରଞ୍ଚି ବେହେରା, କୋଷାଧ୍ୟକ୍ଷ ଅମରେଶ ପ୍ରଧାନ, ସହ ସମ୍ପାଦକ ଦିଲେଶ୍ୱର୍ ସାହୁ, ବରିଷ୍ଠ ସଦସ୍ୟ ଅକ୍ଷୟ ପ୍ରଧାନ, ଅନୁକୂଳ ବିଶ୍ୱାଳ, କୈଳାସ ଚନ୍ଦ୍ର ପ୍ରଧାନ, ବିକ୍ରମ କେଶରୀ ଚୌହାନ, ଆଇନ ଜିବୀ ଜମ୍ମେଶ୍ୱର ପ୍ରଧାନ, କୃଷି ଅଧିଦର୍ଶକ ଗୋଲଖ ବିହାରୀ ସାହୁ, କୃଷି କର୍ମଚାରୀ ଧାନ ମହାନ୍ତ ଉପସ୍ଥିତ ରହିଥିଲେ।





